**ସଂକ୍ଷେପରେ**

## ଗଞ୍ଜାମ ଜିଲା କଳାକାର ମହାସଂଘ ବୈଠକ

**ପୁରୁଷୋତ୍ତମପୁର,୨୯।୧୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ମା'ତାରାତାରିଣୀଙ୍କ ପୀଠରେ ଗଞ୍ଜାମ ଜିଲା କଳାକାର ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଡୁ ପାଢୀ ପୌରହିତ୍ୟ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ କଳାକାର ଯୋଗଦେଇ ସରକାରଙ୍କ ଉଦାସୀନତା ଯୋଗୁ ଜିଲାରେ ଲୋକ କଳା ମାନ ଲୋପ ପାଇବାରେ ଲାଗିଛି। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ବୈଠକରେ ସଭାପତି ଭାବେ ଅନିଲ କୁମାର ପାତ୍ର, କାର୍ଯ୍ୟକାରି ସଭାପତି ସୁଶାନ୍ତ ପଟ୍ଟନାୟକ, ଉପ-ସଭାପତି ପ୍ରମୋଦ ଦାଶ, ସମ୍ପାଦକ ରମାକାନ୍ତ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଟୁଟୁ ପାଢୀ, ସହ ସମ୍ପାଦକ ଶୁଶାନ୍ତ କୁମାର ରାଉଳ, କୋଷାଧ୍ୟକ୍ଷ ସୀମାଞ୍ଚଳ ମହାନ୍ତି ଓ ଉପଦେଷ୍ଟା ଭାବେ ନାଟ୍ୟ ପ୍ରଦୀପ ମଦନ ମୋହନ ମିଶ୍ର, ମୂରଲି ରେଡ୍ଡୀ, କାହ୍ନୁ ଚରଣ ମହାପାତ୍ର, ରବୀନ୍ଦ୍ର ନାଥ ପାତ୍ରଙ୍କ ସମେତ ୧୧ଜଣ କାର୍ଯ୍ୟକାରୀ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା।

## ଚାରାରୋପଣ ସଚେତନତା ଶିବିର

**ଖଲ୍ଲିକୋଟ,୨୯।୧୨(ଡି.ଏନ.ଏ.):** ଖଲ୍ଲିକୋଟ ସହରସ୍ଥିତ ଅମରେଶ୍ୱର ମନ୍ଦିର ପରିସରରେ ଚାରାରୋପଣ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅବଦୁଲ କାଲାମ ଜନକଲ୍ୟାଣ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଅତିରିକ୍ତ ପରିବହନ କମିଶନର ବସନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଖଲ୍ଲିକୋଟ ରେଞ୍ଜର ଦିଲୀପ କୁମାର ମାର୍ଥା, ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉଦ୍ଭିଦ ବିଜ୍ଞାନ ଅଧାପକ ସୁନୀଲ କୁମାର ସେନାପତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଚାରାରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷା ଉପରେ କହିଥିଲେ। ନିଜେ ବଞ୍ଚ ଗଛ ବଞ୍ଚାଅ ନେଇ ଆଲୋଚନା ହୋଇଥିଲା। ଏଥିରେ ବିଭିନ୍ନ ମହିଳା ସଂଗଠନ, ଶିକ୍ଷୟିତ୍ରୀ ଶିକ୍ଷକ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## କିସ୍ ଛାତ୍ରୀଛାତ୍ରଙ୍କ ଅଭିଭାବକ ସମ୍ମିଳନୀ

**କ.ନୂଆଗାଁ,୨୯।୧୨(ଡି.ଏନ୍.ଏ.):** କ.ନୂଆଗାଁ ହାଇସ୍କୁଲରେ ରବିବାର କିସ୍ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରେଭିନ୍ୟୁ ବଙ୍ଗଳାରେ ଚାରାରୋପଣ କରାଯାଇଥିଲା। ସଭାରେ ଜିଲା ଅଭିଭାବକ ସଂଘର ସଭାପତି ମିଶାଏଲ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଚକ୍ରମଣି କହଁର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଲୋଚନା ବାସୁଦେବ ପଣ୍ଡା, କଞ୍ଚାମଣ୍ଡି ସରପଞ୍ଚ ସାନିରା ପ୍ରଧାନ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କିସ୍‌ର ପ୍ରତିନିଧି ଜେପି ମିଶ୍ର ଯୋଗ ଦେଇ କିସ୍ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଜିଲା ଅଭିଭାବକ ସଂଘ ସମ୍ପାଦିକା ଆରତି କହଁର, ଲେଙ୍ଗ କହଁର, ବିଦ୍ୟାଧର ପ୍ରଧାନଙ୍କ ସହ କିସ୍ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଦୁଇଥର ଶିଳାନ୍ୟାସ, ଆରମ୍ଭ ହୋଇନି ଡ୍ୟାମ ନିର୍ମାଣ

- ଘଟକେଶ୍ୱର ବହୁମୁଖୀ ଜଳସେଚନ ପ୍ରକଳ୍ପ
- ବଢ଼ି ଚାଲିଛି ବ୍ୟୟ ଅଟକଳ

**ବ୍ରହ୍ମପୁର ଅଫିସ,୨୯।୧୨**

ଗଞ୍ଜାମ ଜିଲାର ପ୍ରସ୍ତାବିତ ଘଟକେଶ୍ୱର ବହୁମୁଖୀ ଜଳସେଚନ ପ୍ରକଳ୍ପ ନିମନ୍ତେ ଦୁଇଥର ଶିଳାନ୍ୟାସ ହୋଇଛି। ହେଲେ ଏ ଯାଏ ବି ଆରମ୍ଭ ହୋଇନି ନିର୍ମାଣ କାର୍ଯ୍ୟ। ଫଳରେ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇବାରେ ଲାଗିଛି।

କୁକୁଡ଼ାଖଣ୍ଡି ବ୍ଲକର କଙ୍କିଆ-ଟାମଣା ନିକଟ ପ୍ରସିଦ୍ଧ ଶୈବପୀଠ ପାଖରେ ଅଛି ଘଡ଼କା ନାଳ। ପାହାଡ଼ରୁ ସର୍ବଦା ନିର୍ଗତ ଝରଣା ପାଣିକୁ ଅଟକାଇ ଯୋଜନାର ହେଡୱାର୍କ ତଥା ଡ୍ୟାମ ନିର୍ମାଣ ନିମନ୍ତେ ନକ୍ସା ପ୍ରସ୍ତୁତ ହୋଇଛି। ୧୯୮୦ ଦଶକର ଦ୍ୱିତୀୟ ଭାଗ ଅର୍ଥାତ୍ ୧୯୮୬-୮୭ ବର୍ଷରେ ପ୍ରକଳ୍ପ ନିମନ୍ତେ ତତ୍କାଳୀନ କଂଗ୍ରେସ ସରକାରର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । ସେତେବେଳେ ମୂଳ ବ୍ୟୟ ଅଟକଳ ମାତ୍ର ୧୦ କୋଟି ଟଙ୍କା ମଧ୍ୟରେ ଥିଲା। ତେବେ ଆବଶ୍ୟକ ପଡୁଥିବା କେତେକ ଜଙ୍ଗଲ ଜମି ଓ ସେଥିରୁ ଆଦିବାସୀମାନେ ବିସ୍ଥାପିତ ହେବାକୁ ଥିବାରୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିବାରେ ସମସ୍ୟା ଦେଖାଦେଇଥିଲା । ପ୍ରଥମ ଶିଳାନ୍ୟାସର ୩୨ ବର୍ଷ ବିତିବା ଏବଂ ବିସ୍ଥାପିତଙ୍କ ସମସ୍ୟା ସମାଧାନର ବାଟ ଫିଟିବା ପରେ ୨୦୧୬ ଜୁନ ମାସରେ ଉକ୍ତ ପ୍ରକଳ୍ପ ନିମନ୍ତେ ପୁଣି ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେତବେଳେକୁ ବ୍ୟୟ ଅଟକଳ ୧୧୮ କୋଟିକୁ ବୃଦ୍ଧି ପାଇଥିଲା। ଆଦିବାସୀ ଅଧ୍ୟୁଷିତ ସରାକୋଟ, କୋଇଲିକୋଟ, କଙ୍କିଆ, ଟାମଣା ଆଦିର ବିସ୍ଥାପିତ ପରିବାରକୁ କ୍ଷତିପୂରଣ, ସେମାନଙ୍କ ପାଇଁ ନୂଆ କଲୋନୀ, ଚାଷଜମି ଯୋଗାଇବାର ପଦକ୍ଷେପ ନିଆଗଲା । ଘଟକେଶ୍ୱର ମନ୍ଦିର ପାଖରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସୁବିଧା କରାଯିବା ସହ ଘର ନିର୍ମାଣ କରାଯାଇଛି। ତେବେ ଶୌଚାଳୟ ଭଳି ମୌଳିକ ସୁବିଧା ନ ଥିବାରୁ ତାହା ଫାଙ୍କା ପଡ଼ିଛି। ଅନ୍ୟପକ୍ଷରେ ଡ୍ୟାମ ନିର୍ମାଣ ଆରମ୍ଭ ହୋଇ ନ ଥିବାରୁ ପ୍ରକଳ୍ପ ହେବ କି ନାହିଁ ସନ୍ଦେହ ଘେରକୁ ଆସିଯାଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରକଳ୍ପ ନିର୍ମାଣ ହୋଇପାରୁ ନ ଥିବା ଜିଲା କଂଗ୍ରେସ ପକ୍ଷରୁ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କଟାକ୍ଷ କରିଛନ୍ତି। ତେବେ ଜଳ ସମ୍ପଦ ବିଭାଗ ପକ୍ଷରୁ ଖୁବଶୀଘ୍ର ସବୁ ସମସ୍ୟା ତୁଟିଯିବ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ସଫେଇ ଦିଆଯାଇଛି।

ଯୋଜନା କାର୍ଯ୍ୟକାରୀ ହେଲେ କୁକୁଡ଼ାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକର ୫ ଶହ ହେକ୍ଟର ଚାଷଜମିକୁ ସୁବିଧାରେ ସେଚ ବ୍ୟବସ୍ଥା ହୋଇପାରିବ। ଏଥିସହ ବ୍ରହ୍ମପୁର ସହର ଗୋଷାଣୀ ନୂଆଗାଁ ଅଞ୍ଚଳର ୭୫ ହଜାର ଲୋକଙ୍କ ପିଇବା ପାଣି ଯୋଗାଣ ନିମନ୍ତେ ସୁବିଧା ହେବ। ଏବେ ମହାନଗରରେ ଜଳ ସଙ୍କଟ ଲାଗି ରହିଛି। ଜାନିବିଲି ବୃହତ୍ତ ଜଳ ଯୋଗାଣ ଯୋଜନା ସମ୍ପୂର୍ଣ୍ଣ ହୋଇନାହିଁ। ଏଭଳି ସ୍ଥିତିରେ ଘଟକେଶ୍ୱର ପ୍ରକଳ୍ପ ନିର୍ମାଣରେ କାହିଁକି ଅବହେଳା କରାଯାଉଛି ସେ ନେଇ ପ୍ରଶ୍ନ ଉଠିଛି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ
# ବ୍ରାହ୍ମଣୀଗାଁ ଫରେଷ୍ଟର ଗିରଫ

**ବ୍ରହ୍ମପୁର ଅଫିସ,୨୯।୧୨**


କୈଳାସ ଚନ୍ଦ୍ର ସାହୁ ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଫରେଷ୍ଟର କୈଳାସ ଚନ୍ଦ୍ର ସାହୁଙ୍କୁ ରବିବାର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। କୈଳାସଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ପ୍ରାୟ ସମସ୍ତ ସମ୍ପତ୍ତି ଠୁଳ କରାଯାଇଥିବା ଜଣାପଡ଼ିବାରୁ ତାଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଶ୍ରଦ୍ଧାଞ୍ଜଳିଙ୍କୁ ଧରାଯାଇ ପାରିନି। ପୋଲିସ ଏବେ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି।

ଫରେଷ୍ଟର କୈଳାସ ୮୮,୮୧,୫୬୪ ଟଙ୍କାର ହିସାବ ଦେଇ ପାରି ନ ଥିଲେ। ଯାହାକି ତାଙ୍କ ଆୟର ଶତକଡା ୧୫୫ ଭାଗ। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ମାମଲା ନଂ.୩୬/୧୯ ଅନୁସାରେ ଗିରଫ କରାଯାଇଛି। ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର କୈଳାସଙ୍କ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରି ତାଙ୍କର ୧ କୋଟି ୧୪ ଲକ୍ଷ ୪୧୧ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଆକଳନ କରିଥିଲା। ସେହିପରି ଭିଜିଲାନ୍ସ ଶନିବାର ମଧ୍ୟ ସମ୍ପତ୍ତି ଆକଳନ ଜାରି ରଖିଥିଲା। କୈଳାସଙ୍କୁ ଅଟକ ରଖାଯାଇ ତନାଘନା ଚାଲିଥିଲା। କନ୍ଧମାଳ ଜିଲାରେ ବିଭିନ୍ନ ସରକାରୀ ଜମିରେ କୈଳାସ ବେଆଇନ ଭାବେ ଅନେକ ଅଟ୍ଟାଳିକା ନିର୍ମାଣ କରିଥିବା ଭିଜିଲାନ୍ସ ଟିମ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। କୈଳାସ ପୂର୍ବରୁ ତୁମୁଡିବନ୍ଧ, କ.ନୂଆଗାଁ ବ୍ଲକରେ ଫରେଷ୍ଟର ଥିଲେ । ସେ ସମୟରେ ତାଙ୍କ ନାମରେ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା ।

# ୧ରୁ ବ୍ରହ୍ମପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅନୁଷ୍ଠାନର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୨୯।୧୨**

ଲକ୍ଷ୍ୟ ଅନୁଷ୍ଠାନ ପକ୍ଷରୁ ଜାନୁୟାରୀ ୧ ତାରିଖଠାରୁ ବ୍ରହ୍ମପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ହେବ । ଗଞ୍ଜାମ କଳା ପରିଷଦ ପରିସରରେ ୨ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ତଥା ଓସ୍କାର ପୁରସ୍କାରପ୍ରାପ୍ତ ଫିଚର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ରବିବାର ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଗଞ୍ଜାମ ଜିଲା କଳା, ସଂସ୍କୃତି, ଐତିହ୍ୟରେ ପରିପୂର୍ଣ୍ଣ । ତେଣୁ ଜିଲାର ଛାତ୍ରୀଛାତ୍ର ତଥା ଯୁବ ସମାଜଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ମାଣ ଦିଗରେ ଆଗ୍ରହ ସୃଷ୍ଟି କରାଇବା ସହ ଡିଜିଟାଲ ମିଡିଆର ଜ୍ଞାନ ପ୍ରଦାନ, ବ୍ରହ୍ମପୁରରେ ଫିଲ୍ମ ଷ୍ଟୁଡିଓ ତଥା ଫିଲ୍ମ ଲ୍ୟାବ ନିର୍ମାଣ ପାଇଁ ପ୍ରକ୍ରିୟା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ପ୍ରଥମ ଥର ଏଭଳି ମହୋତ୍ସବ ଆୟୋଜନ କରାଯାଉଥିବା ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ ସାମଲ କହିଛନ୍ତି। ମହୋତ୍ସବରେ ଫିଚର ଫିଲ୍ମ ସହ ଅଞ୍ଚଳର ବିଭିନ୍ନ କଳାକାର ଓ ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର, ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ପ୍ରଦର୍ଶନ ଓ ଚଳଚ୍ଚିତ୍ର ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସତୀଶ ପାତ୍ରଙ୍କ ଉଦୟପୁର 'ତୀର୍ଥକ୍ଷେତ୍ର', ତ୍ରିପତି ନାୟକଙ୍କ 'ଅଛୁଙ୍ଗ୍', ଗୋଲକ ତ୍ରିପାଠୀଙ୍କ 'ବାବୁ ବାଥରୁମରେ ଅଛନ୍ତି', କୁମୁଦ ପ୍ରସାଦ ଆଚାର୍ଯ୍ୟଙ୍କ 'ସମ୍ପର୍କ', ଅମୂଲ୍ୟ ରଞ୍ଜନ ସାହୁଙ୍କ 'ଇଣ୍ଟରଭ୍ୟୁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷଙ୍କ ସମେତ ରଶ୍ମିତା କୁମାରୀ ଦଳାଇ, ସତୀଶ ପାତ୍ର, ଶଙ୍କର୍ଷଣ ପାତ୍ର, ନାଟ୍ୟକାର ତ୍ରିପତି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

## 'ଚଇତି'ରେ ଚମକିଲେ ଗଜପତିର ନୃତ୍ୟଶିଳ୍ପୀ

**ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.)**

ରାୟଗଡ଼ା ଜିଲାର ଲୋକ ମହୋତ୍ସବ 'ଚଇତି'ରେ ପାରଳାଖେମୁଣ୍ଡିର ବନ୍ଦେମାତରଂ କଳା ପରିଷଦର ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। କଳାକାରମାନେ ସେଠାରେ ପାରମ୍ପରିକ ଶୈଳୀରେ ଆଦିବାସୀ ନୃତ୍ୟ ପରିବେଷଣ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ନୃତ୍ୟଗୁରୁ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ କେ. ଶିବକ୍ରିଷ୍ଣା, ସତ୍ୟ ଆପଟ, ରାଜୀବ ଲୋଚନ ପଣ୍ଡା, ଲୋକନାଥ ପଟ୍ଟନାୟକ, ରାଧାରାଣୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ୩୦ ଜଣିଆ ନୃତ୍ୟଦଳ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ କଳା ପ୍ରଦର୍ଶନ କରିଥିଲେ।

## ବାଇକ୍‌ରୁ ଖସି ଯୁବତୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୯।୧୨**

ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଯୁବତୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ରାଇବନ୍ଧ ଗ୍ରାମର ରାଜଲକ୍ଷ୍ମୀ ଗୌଡ଼। ମେଡିକାଲ ଫାଣ୍ଡି ପୋଲିସ ରବିବାର ତାଙ୍କ ମୃତଦେହ ଜବତ କରିଛି । ଏ ନେଇ ନଂ.୬୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆସନ୍ତା ମାସରେ ରାଜଲକ୍ଷ୍ମୀଙ୍କ ବିବାହ ହେବାର ଥିଲା। ଶନିବାର ସକାଳେ ସେ ତାଙ୍କ ଭାଇଙ୍କ ସହିତ ବାଇକ୍‌ରେ ଶେରଗଡ ବଜାରକୁ ଯାଇଥିଲେ। ମଧ୍ୟାହ୍ନରେ ଉଭୟେ ଘରକୁ ଫେରୁଥିବା ବେଳେ ଗାଁ ନିକଟ ମହୁଲି ଛକରେ ଏକ ବଳଦ ସହ ବାଇକ୍‌ଟି ଧକ୍କା ଦେଇଥିଲା। ଫଳରେ ବାଇକ ପଛରେ ବସିଥିବା ରାଜଲକ୍ଷ୍ମୀ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ବଡ଼ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ରାଜଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା।

# ଚିତ୍ରାଳୟ ମାଲିକ ସଂଘ ନୂତନ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୨୯।୧୨**

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ଏକ ବୈଠକ ଗୋଷାଣୀ ନୂଆଗାଁ ମା' କାଲୁଆ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଦିଲୀପ କୁମାର ସାମନ୍ତରା ଅଧ୍ୟକ୍ଷତା କରିଥିଲେ । ଟିକିଟି ବାଳକୁମାରୀ ମନ୍ଦିର ପରିସରରେ ଆସନ୍ତା ୧୯ ତାରିଖରେ ସଂଘ ବାର୍ଷିକୋତ୍ସବ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିଲୀପ କୁମାର ସାମନ୍ତରା ପୁନର୍ବାର ସଭାପତି ମନୋନୀତ ହୋଇଥିବା ବେଳେ ଧ୍ରୁବ କୁମାର ପ୍ରଧାନ ଉପସଭାପତି, ଦୁର୍ଗାପ୍ରସାଦ ଆଚାର୍ଯ୍ୟ ସମ୍ପାଦକ, ସୁବାସ ଚନ୍ଦ୍ର ପାତ୍ର ସହସମ୍ପାଦକ, ଚନ୍ଦ୍ର ଶେଖର ବଡୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର କୁମାର ମିଶ୍ର, ଅରକ୍ଷିତ ରାଓ ଉପଦେଷ୍ଟା ଏବଂ ଶିବ ଶଙ୍କର ମହାରଣା, ବୀରେନ କୁମାର ପାଢୀ, ଗୌରହରି ସାବତ, ରଜନୀକାନ୍ତ ପ୍ରଧାନ, ରମେଶ ପଲେଇ ଓ ଆଦିତ୍ୟ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ ।

## ୧ରୁ ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡି, ଦୌଡ଼କୁଦ ପ୍ରତିଯୋଗିତା
# ପ୍ରତିଯୋଗୀଙ୍କ ବାରାଣସୀ, କର୍ନାଟକ ଗସ୍ତ


ଖେଳାଳିଙ୍କ ସହ କ୍ରୀଡା ପରିଷଦର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୯।୧୨**

ଜାନୁୟାରୀ ୧ରୁ ୫ତାରିଖ ପର୍ଯ୍ୟନ୍ତ ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏଥିରେ ଭାଗ ନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୨ ଜଣିଆ ମହିଳା ଦଳ ସୋମବାର ବାରାଣସୀ ଗସ୍ତ କରିଛନ୍ତି । ଦଳ ସହ ମ୍ୟାନେଜର ଓ କୋଚ ଭାବେ ବୁଗୁଡା ପିପୁଲ୍ସ କଲେଜର ପିଇଟି କ୍ରିଷ୍ଣା ରାଓ ପାତ୍ର ଏବଂ ସିଟି କଲେଜର ପୁଷ୍ପାଞ୍ଜଳି ରେଡ୍ଡୀ କିଟ ମ୍ୟାନ ଭାବେ ଯାଇଥିବା ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ କୁହାଯାଇଛି । ସେହିପରି କର୍ନାଟକର ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପରିସରରେ ଜାନୁୟାରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୫ ଖେଳାଳି କର୍ନାଟକ ଯାତ୍ରା କରିଛନ୍ତି । ଦଳ ସହ ମ୍ୟାନେଜର ଭାବେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର କୋଚ ରାଜେଶ କୁମାର ମହାନ୍ତି, କୋଚ ଭାବେ ଭଞ୍ଜନଗର କେଏସୟୁବି କଲେଜର ପିଇଟି ପି. ରମେଶ ଗସ୍ତ କରିଛନ୍ତି । କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟ, ରବି ଚରଣ ମିଶ୍ର, ଶ୍ରୀକର କୁମାର ମାଝି, ସନ୍ତୋଷ କୁମାର ବିଷୋୟୀ, ସୁନୀତା ପାତ୍ର, ସୁଧାକର ବିଶୋୟୀ, ଭଞ୍ଜ କିଶୋର ଗୌଡ, ଏସ. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଶିଶୁ ବିଦ୍ୟାମନ୍ଦିରରେ ହନୁମାନ ଚାଳିଶା ପାଠ

**ବ୍ରହ୍ମପୁର ଅଫିସ,୨୯।୧୨**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ହନୁମାନ ଚାଳିଶା ପାରାୟଣ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରରେ ଲୋକାର୍ପିତ ନୂତନ ଭବନର ସଂସ୍କରଣ ଓ ଶିଶୁ ତଥା ସମାଜ କଲ୍ୟାଣ, ବିଶ୍ୱ ଶାନ୍ତି ଓ ସଦଭାବନା ଆଣିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନରସିଂହ ଚୌଧୁରୀ ପୌରୋହିତ୍ୟ କରିଥିଲେ। ପଣ୍ଡିତ ଅଶୋକ ପାଢୀ ଯଜ୍ଞ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ଦେବେନ୍ଦ୍ର ପାଢୀ, ଲୁଲୁ ମଙ୍ଗରାଜ ଓ ପରିଚାଳନା ସମିତିର ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଅଭିଭାବକଙ୍କ ସମେତ ୧୫ ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶିଶୁ, ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୧ଥର ହନୁମାନ ଚାଳିଶା ପାଠ କରାଯାଇଥିଲା।


ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକମାନେ।

## ଶିବାନନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ
# ଶିଶୁଙ୍କ ଚରିତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ,୨୯।୧୨**

ଶିବାନନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପି. ଶଙ୍କର ନାରାୟଣ ପାତ୍ର ଯୋଗଦେଇ ଶିଶୁଙ୍କ ଭବିଷ୍ୟତ ଗଠନରେ ମାତା, ପିତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିଶୁ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ। ସେମାନଙ୍କ ଭବିଷ୍ୟତ, ଚରିତ୍ର ଗଠନ କ୍ଷେତ୍ରରେ ମାତା ପିତାମାନେ ସଚେତନ, ଜାଗ୍ରତ ହେବା ଜରୁରୀ ବୋଲି ମୁଖ୍ୟବକ୍ତା କହିଥିଲେ । ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଡ. ସୁରେନ୍ଦ୍ର ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସମ୍ପାଦକ ଯଜ୍ଞ ନାରାୟଣ ପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରତିଷ୍ଠାତା ଗୌରୀ ଶଙ୍କର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ସୁଦର୍ଶନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନାଚାର୍ଯ୍ୟା ମମତା କୁମାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ବନ୍ଦନା ମହାନ୍ତି, ତନୁଜା ଚୌଧୁରୀ, ବଳରାମ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ଆଜି କ'ଣ କେଉଁଠି

- ବୁଗୁଡ଼ା ବ୍ଲକର ସମୀକ୍ଷା ବୈଠକ। ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଦିବ୍ୟାଙ୍ଗ ଚିହ୍ନଟ ଶିବିର। ସ୍ଥାନ-ଗୋକୁଳଧାମ, ଗୋଷାଣୀନୂଆଗାଁ, ସମୟ-ସକାଳ ୯ଟା।

# ଓଡ଼ିଶା ଭାରୋତ୍ତୋଳନ ଚାମ୍ପିୟନଶିପ

ବ୍ରହ୍ମପୁର ଅଫିସ,୨୯।୧୨

ଗଞ୍ଜାମ ଜିଲା ଭାରୋତ୍ତଳନ ସଂଘ ପକ୍ଷରୁ ୬୭ତମ ବରିଷ୍ଠ ପୁରୁଷ ଓ ୩୫ତମ ବରିଷ୍ଠ ମହିଳା ଓଡିଶା ଭାରୋତ୍ତୋଳନ ଚାମ୍ପିୟନଶିପ ରବିବାର ଅନୁଷ୍ଠିତ ହୋଇଯାଇଛି । ଖାସ୍ବା ସାହିସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଶା ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁ, ଉପସଭାପତି କୁମୁଦ ଚନ୍ଦ୍ର ସାହୁ, ବରିଷ୍ଠ କୋଚ ସୀତା ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଭାରୋତ୍ତୋଳନକାରୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଗଞ୍ଜାମ, କଟକ, ଖୋର୍ଦ୍ଧା, ମୟୁରଭଞ୍ଜ, ରାୟଗଡା ଅଞ୍ଚଳର ପ୍ରାୟ ୨୫ ମହିଳା ଓ ୪୫ ପୁରୁଷ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରେଫରି ଭାବେ ୨୫ ଅଫିସିଆଲ ଯୋଗଦେଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୫୫ କି.ଗ୍ରା. ପୁରୁଷ ବର୍ଗରେ କୁମ୍ଭେଶ୍ୱର ମଲ୍ଲିକ ୧୯୬ କି.ଗ୍ରା ଭାରୋତ୍ତୋଳନ କରି ପ୍ରଥମ ହୋଇଥିବା ବେଳେ ୬୧ କି.ଗ୍ରା. ବର୍ଗରେ ଜଗଦିଶ ନାୟକ ୨୩୨ କି.ଗ୍ରା. ଭାରୋତ୍ତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିପରି ୪୫ କି.ଗ୍ରା. ମହିଳା ବର୍ଗରେ ସନ୍ଧ୍ୟାରାଣୀ ନାୟକ ମୋଟ ୧୧୮ ଭାରୋତ୍ତୋଳନ କରି ପ୍ରଥମ ହୋଇଛନ୍ତି। ୪୯ କି.ଗ୍ରା ବର୍ଗରେ ସୁଶୀଳା ମାଝି ୧୫୫ କେଜି, ୫୨ କି.ଗ୍ରା. ବର୍ଗରେ ବୀଣା ସୋରେନ ୧୩୮ କେଜି, ୫୫ କି.ଗ୍ରା. ବର୍ଗରେ ଅପରାଜିତା ଭୂୟାଁ ୧୩୭ କି.ଗ୍ରା. ଭାରଉତ୍ତୋଳନ କରିଛନ୍ତି। ୬୪ କି.ଗ୍ରା ବର୍ଗରେ ଦେବକୀ ଖିଲ ୧୪୯ କି.ଗ୍ରା., ୫୯ କି.ଗ୍ରା. ବର୍ଗରେ ସଙ୍ଗୀତା ପାଢୀ ୧୩୮ କି.ଗ୍ରା, ୮୧ କି.ଗ୍ରା. ବର୍ଗରେ ରଜେଶ୍ୱରୀ ବେହେରା ୧୮୨ କି.ଗ୍ରା. ଭାରୋତ୍ତୋଳନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସଂଘର କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ସାହୁ, ଉପସଭାପତି ଲକ୍ଷ୍ମୀନାରାୟଣ ରାଉତ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଢୀ, ଜାନକୀ ବଲ୍ଲବ ମିଶ୍ର, କୋଷାଧ୍ୟକ୍ଷ ଯଜ୍ଞନାରାୟଣ ନନ୍ଦ, ଗାଗାରିନ ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।



ଜଣେ ପ୍ରତିଯୋଗୀ ଭାରୋତ୍ତୋଳନ କରୁଛନ୍ତି ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବେଗୁନିଆପଡ଼ା,୨୯।୧୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଜନତା ନୋଡ଼ାଲ ହାଇସ୍କୁଲରେ ରବିବାର ୧୯୮୩ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତତ୍‌କାଳୀନ ଶିକ୍ଷକ ଶଙ୍ଖନିଧି ଦାସ, ରାମକୃଷ୍ଣ ଦୋରା, ନାରାୟଣ ଶତପଥୀ, ଗଣେଶ୍ୱର ଦାସ, ବିଜୟ କୁମାର ମହାପାତ୍ର, ବିଦ୍ୟାଳୟ କର୍ମଚାରୀ ଜଗବନ୍ଧୁ ପଟ୍ଟନାୟକ, ଗଣପତି ଦାସ ଓ କୃଷ୍ଣମୂର୍ତ୍ତି ଦୋରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ତତ୍‌କାଳୀନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରାଜେଶ୍ୱର ରାଓ ଓ ଖେଳ ଶିକ୍ଷକ ସ୍ୱର୍ଗତ ଗୌରୀଶଙ୍କର ପାଢୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନ ଶିକ୍ଷକ କେ.ଭୀମରାଜୁ ପାତ୍ର ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ହୋଇପାରୁ ନାହିଁ ବୋଲି କହି ଦୁଃଖ ପ୍ରକାଶ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ତରଫରୁ ଏଥିପାଇଁ ସମସ୍ତ ସହଯୋଗ କରିବା ସହ ପ୍ରତିବର୍ଷ ଜନତା ହାଇସ୍କୁଲର ତତ୍କାଳୀନ ପରିସୀମା ମଧ୍ୟରେ ଥିବା ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କୃତ କରିବା ସହ ବିଦ୍ୟାଳୟର ଉନ୍ନତିରେ ସହଯୋଗ କରାଯିବ ବୋଲି କହିଥିଲେ। ଏଥିରେ ବରିଷ୍ଠ ଶିକ୍ଷକ ପଙ୍କଜ ବେହେରା, ଅନ୍ୟାନ୍ୟ ଶିକ୍ଷକ ଓ ୧୯୮୩ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବ୍ରାହ୍ମଣ ମହାସଂଘ ସଭା, ଆଞ୍ଚଳିକ କମିଟି ଗଠନ

**ହାତୀଓଟ,୨୯।୧୨:** ପୋଲସରାରେ ଗଞ୍ଜାମ ଜିଲା ବ୍ରାହ୍ମଣ ମହାସଂଘର ବ୍ଲକସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପର୍ଶୁରାମ ବାହିନୀ ସଭାପତି ତଥା ବ୍ରାହ୍ମଣ ମହାସଂଘର ଜିଲା ସଂଯୋଜକ ପ୍ରତାପ କୁମାର ମିଶ୍ରଙ୍କ ଆବାହକତ୍ୱ ଏବଂ ଶିକ୍ଷାବିତ୍ ଶିଶିର କୁମାର ରଥ ଅଧ୍ୟକ୍ଷତା କରିଥିଲେ। ସଭାରେ ମହାସଂଘ ସଭାପତି ଲକ୍ଷ୍ମୀ ନାରାୟଣ ଚୌଧୁରୀ, ଆଇନଜୀବୀ ଲକ୍ଷବଚ୍ଛ ଚୌଧୁରୀ, ମହାସଂଘ କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସୁରେନ୍ଦ୍ର ପାଣୀଗ୍ରାହୀ, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ସମେତ ଧରାକୋଟ ବ୍ଲକ୍ ଶାଖା ସଭାପତି ନିରୋଦ କୁମାର ପାଢୀ ଏବଂ ପୋଲସରାର ବହୁ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ। ମହାସଂଘର ଉଲ୍ଲିଖିତ ଇସ୍ତାହାର ପ୍ରକାରେ ବିଭିନ୍ନ ସଂଜ୍ଞାଧାରୀ ବ୍ରାହ୍ମଣମାନଙ୍କୁ ଏକତ୍ରକରି ସଦିଚ୍ଛା ଓ ସହଯୋଗ ପ୍ରତିଷ୍ଠା ସହିତ ଭଗବତ୍ ସଦା ଜାଗ୍ରତ କରାଇବା, ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଏକ ଶିକ୍ଷାପାଣ୍ଠି ଗଠନ କରିବା, ଯୁବତୀଯୁବକଙ୍କ ବିବାହ ନିମନ୍ତେ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରିବା, ଅହିଂସା ମାର୍ଗର ପ୍ରସାର ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ପୋଲସରାର ବ୍ରାହ୍ମଣ କୁଳ ସମାଜର କଲ୍ୟାଣ ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ସଭାପତି, ଗୌରୀଶଙ୍କର ଆଚାର୍ଯ୍ୟ ଓ ରବୀନ୍ଦ୍ର ନାଥ ଆଚାର୍ଯ୍ୟଙ୍କୁ ଉପସଭାପତି, ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ପାଦକ ଏବଂ ଶିଶିର କୁମାର ରଥ, ପ୍ରଶାନ୍ତ ରଥଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

ବିନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ଲିଡ୍‌ସ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୯।୧୨

ସ୍ଥାନୀୟ ବିନାୟକ କଲେଜ ପଡିଆରେ ଜୁନିଅର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ବିନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା । ରାମେଶ୍ୱର ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୭ ରନ କରିଥିଲା। ଦଳ ପକ୍ଷରୁ ଦେବାଶିଷ ସାହୁ ୭୬ ବଲ ଖେଳି ୧୫୪ ରନ କରିଥିଲେ। ଜବାବରେ ଲିଡ୍‌ସ ଦଳ ୭ ଉଇକେଟ ହରାଇ ଆବଶ୍ୟକ ୧୯୮ ରନ କରି ମ୍ୟାଚ ଜିତିଥିଲା। ଦଳପକ୍ଷରୁ ଈଶ୍ୱର ପ୍ରସାଦ ରାଓ ୪୩ ବଲ ଖେଳି ଧୂଆଁଧାର ୧୦୧ ରନ କରିଥିଲେ । ଅମ୍ପାୟର ଭାବେ ଡି. ରଜନୀ କାନ୍ତ ରେଡ୍ଡୀ ଓ ପ୍ରସନ୍ନ ପାଢ଼ୀ ମ୍ୟାଚ ପରିଚାଳନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ପରିଡା ସ୍କୋରର ରହିଥିଲେ । ଈଶ୍ୱର ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ ବିବେଚିତ ହୋଇଥିବା ବେଳେ ସତ୍ୟବ୍ରତ ସାହୁ ବେଷ୍ଟ ବୋଲର, ସାଗର ପଣ୍ଡା ବେଷ୍ଟ ଫିଲ୍ଡର, ସନ୍ତୋଷ ସାହୁ ବେଷ୍ଟ କିପର, ଦେବାଶିଷ ସାହୁଙ୍କୁ ବେଷ୍ଟ ଏଣ୍ଟେଣ୍ଟିଏର ଘୋଷଣା କରାଯାଇଥିଲା । ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିନାୟକ କଲେଜ ଅଧ୍ୟକ୍ଷା ପ୍ରମିଳା ଖାଡ଼ଙ୍ଗା ଯୋଗଦେଇଥିଲେ । ଗଞ୍ଜାମ ଆଇନ କଲେଜର ସମ୍ପାଦକ ଡ. ଶରତ ସାମନ୍ତ, ଯୁବ ବିଜେଡି ସଦସ୍ୟ ସନ୍ତୋଷ ପାତ୍ର, ଲଳିତ ମଙ୍ଗରାଜ, ଖଲିଲ ଅହମ୍ମଦ, ଅଜିତ କୁମାର ପଣ୍ଡା, ଭଗବାନ ସାହୁ, ଦଣ୍ଡପାଣି ନାୟକ, ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ଅସିତ କୁମାର ସାବତ, ପ୍ରଭାତ କୁମାର ସାହୁ, ମଙ୍ଗୁଲୁ ବେହେରା, ମିହିର ତ୍ରିପାଠୀ, ଉମାକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ ପୋଲିସ ସମିତି କାର୍ଯ୍ୟକ୍ରମ

କୋଦଳା,୨୯।୧୨ (ଡି.ଏନ.ଏ.)

କୋଦଳା ଥାନାରେ ଶନିବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦେବାଶିଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଓ ବିଭିନ୍ନ ପଞ୍ଚାୟତର ବୁଦ୍ଧିଜୀବୀ ଏବଂ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ମାଛ ଓ ପରିବା ବେପାରୀଙ୍କୁ ଟ୍ରାଫିକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ତାଗିଦ୍ କରିଥିଲେ। ସମସ୍ତ ନିୟମ ମାନି ଗାଡି ଚାଳନା କଲେ ଦୁର୍ଘଟଣାରୁ କିପରି ବର୍ତ୍ତିହେବ ସେ ନେଇ ସଚେତନ କରାଯାଇଥିଲା। ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅପରାଧ ନିୟନ୍ତ୍ରଣ କରାଯାଇପାରିବ ବୋଲି ଥାନାଧିକାରୀ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ଅନିଲ କୁମାର ସାହୁ, ଏଏସ୍‌ଆଇ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଓଡ଼ିଆ, ଇଂଲିଶ ବିଭାଗ ପାଠଚକ୍ର

ଆସିକା,୨୯।୧୨(ଡି.ଏନ୍.ଏ.)

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଓଡିଆ ବିଭାଗ ଓ ଇଂଲିଶ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଆ ବିଭାଗ ପାଠଚକ୍ରରେ ଅଧ୍ୟାପିକା ଡ. ସ୍ମିତାରାଣୀ ପଣ୍ଡା ଆଲୋଚକ ଭାବେ ଯୋଗଦେଇ ଗଞ୍ଜାମ ଜିଲାର ଲୋକନାଚ ଦଣ୍ଡନାଚ ସମ୍ପର୍କରେ ଆଲୋଚନା କହିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁପ୍ରିୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରୀ ଗଙ୍ଗୋତ୍ରୀ ସ୍ୱାଇଁ, ଯଶସ୍ୱିନୀ ଗୌଡ ଓ ସୁମିତ୍ରା ପରିଡା ଦଣ୍ଡନାଚ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ସେହିଭଳି ଇଂଲିଶ ବିଭାଗ ପାଠଚକ୍ରରେ ଅଧ୍ୟାପକ ଡ. ଆନନ୍ଦ ସେଠୀ ଓ ଅଧ୍ୟାପକ ସାଶ୍ୱତ ମିଶ୍ର ଆଲୋଚକ ଭାବେ ଯୋଗଦେଇ ଔପନିବେଶବାଦ ପରବର୍ତ୍ତୀ କାଳର ଇଂଲିଶ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଲିନା ଲିଲିୟାନ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଡ. କେ. ଓମ୍. ନାରାୟଣ ରାଓ, ଡ. ସରୋଜ କୁମାର ଜେନା, ଡ. ଯଶସ୍ୱୀ ମଲ୍ଲିକ, ଡ. ଲକ୍ଷ୍ମଣ କୁମାର ସୋରେନ୍, ବିନାୟକ ବେହେରା, ପ୍ରିୟଙ୍କା ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଓଡ଼ିଆ ବିଭାଗ ପାଠଚକ୍ରରେ ମଞ୍ଚାସୀନ ଅତିଥି।

# ଜଙ୍ଗଲ ସୁରକ୍ଷା ସଚେତନତା

**ବୁଗୁଡ଼ା,୨୯।୧୨(ଡି.ଏନ.ଏ.):** ବୁଗୁଡ଼ା ସହର ପୋଲସରା ଛକରେ ଜଣେ ବ୍ୟକ୍ତି ରବିବାର ଭାଲୁଙ୍କ ନିବେଦନ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି। ବ୍ୟକ୍ତି ଜଣକ ହେଲେ ଜଗନ୍ନାଥପ୍ରସାଦ ବ୍ଲକ କ୍ଷେତମୁଣ୍ଡଳି ଗ୍ରାମର ବିଜୟ ଚନ୍ଦ୍ର ପ୍ରଧାନ (୬୨)। ସେ ଜଙ୍ଗଲ ସୁରକ୍ଷା ସହ ପରିବେଶ ସୁରକ୍ଷା ପାଇଁ ୧୨ ଦିନ ହେଲା ଭାଲୁଙ୍କ ନିବେଦନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରି ଉଦାହରଣ ପାଲଟିଛନ୍ତି। ବିଜୟ ଭାଲୁ ବେଶରେ ଜଙ୍ଗଲରେ ଫଳ ଗଛ ଲଗାଇବା, ଜଙ୍ଗଲର ସୁରକ୍ଷା କରି ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜଙ୍ଗଲରେ ନିଆଁ ନ ଲଗାଇବା, ଧାନ ଅମଳ ପରେ ଗଦାରେ ନିଆଁ ନ ଲଗାଇବା ଆଦି ବିଷୟରେ ସଚେତନତା କରିଥିଲେ ।


ଭାଲୁ ବେଶରେ ସଚେତନତା କାର୍ଯ୍ୟକ୍ରମ।

## ଅନସ୍ଲୋ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଛତ୍ରପୁର,୨୯।୧୨(ଡି.ଏନ.ଏ)

ଛତ୍ରପୁର ଅନସ୍ଲୋ ହାଇସ୍କୁଲର ୧୯୯୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ହୁମ୍ମର ତାମ୍ପରା ନିକଟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୟଦ ମୁକ୍ତାର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଉକ୍ତ ବ୍ୟାଚ୍‌ର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ସାମାଜିକ କର୍ମୀ ପ୍ରଶାନ୍ତ ମହାରଣା ସଭାପତି, ମାଧବ ମହାପାତ୍ର କାର୍ଯ୍ୟକାରୀ ସଭାପତି, ବିବେକାନନ୍ଦ ପଟ୍ଟନାୟକ ସମ୍ପାଦକ, ସୟଦ ମୁକ୍ତାର ସହସମ୍ପାଦକ, ଦିନେଶ କୁମାର ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଲକ୍ଷ୍ମୀ ନାରାୟଣ ବେହେରା, ଟି. ଗୁରୁପ୍ରିୟ ଆଚାରୀ, ଜନ୍ ଶବର, ମନମୋହନ ସାମଲ, ସନ୍ତୋଷ ରଥ, ସରୋଜ ଶତପଥୀ, ହରି ଶଙ୍କର ସାହୁ ସକ୍ରିୟ ସଭ୍ୟ ଏବଂ ପ୍ରଭୁଦାନ ପଟ୍ଟନାୟକ ଆଇନ୍ ପରାମର୍ଶଦାତା ଭାବେ ମନୋନୀତ ହୋଇଛନ୍ତି। ହାଇସ୍କୁଲର କିଭଳି ବିକାଶ ହୋଇପାରିବ ତାହା ବୈଠକରେ ଆଲୋଚନା ହୋଇଥିଲା । ହାଇସ୍କୁଲକୁ ଶୁଦ୍ଧ ପାନୀୟ ଜଳ ମେଶିନ୍ ପ୍ରଦାନ କରାଯିବ ବୋଲି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଉକ୍ତ ବ୍ୟାଚ୍‌ର କର୍ମକର୍ତ୍ତା ଓ ସଭ୍ୟଙ୍କୁ ନେଇ ଏକ କ୍ଲବ ଗଠନ କରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ଶେଷରେ ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଆଲୋଚନା ଚାଲିଛି।

## ଗୋଷାଣୀ ନୂଆଗାଁ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୯।୧୨

ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଉଚ୍ଚଶିକ୍ଷା ପରିଷଦର ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶିଶୁମାନଙ୍କ ମାନସିକ ବିକାଶ ଦିଗରେ ଅଭିଭାବକମାନେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ । ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଦେବଦତ୍ତ ପଟ୍ଟନାୟକ, ଶିକ୍ଷାବିକାଶ ସମିତିର ଦକ୍ଷିଣ ପୂର୍ବ ସଂଭାଗ ସମ୍ପାଦକ କିରଣ କୁମାର ପାଢୀ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ସରକାରୀ ବୃତ୍ତି, ପଠାଣି ସାମନ୍ତ ଗଣିତ ପ୍ରତିଭା, ଭାରତୀ କୃଷ୍ଣ ଗଣିତ ପ୍ରତିଭା, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ଓ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସଭାପତି ଭଗବାନ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ଉପଦେଷ୍ଟା ଦଣ୍ଡପାଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଶିକ୍ଷୟିତ୍ରୀ କିରଣ କୁମାରୀ ଚୌଧୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।



ମଞ୍ଚାସୀନ ଅତିଥି ।

ଗଙ୍ଗାଦେବୀ ପୀଠରେ ପାନୀୟ ଜଳ ସମସ୍ୟା

# କମୁଛି ପର୍ଯ୍ୟଟକଙ୍କ ସଂଖ୍ୟା

ଗଞ୍ଜାମ,୨୯।୧୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଋଷିକୁଲ୍ୟା ମୁହାଣରେ ମା' ଗଙ୍ଗାଦେବୀ ପୀଠ ଅବସ୍ଥିତ। ଏଠାକୁ ଆଖପାଖ ଅଞ୍ଚଳ ସହ ଜିଲା ବାହାରୁ ପର୍ଯ୍ୟଟକ ଆସି ସମୁଦ୍ର ବେଳାଭୂମିର ମଜା ଉଠାଇ ଭୋଜିଭାତ କରିଥାନ୍ତି। ବିରଳ କଇଁଛଙ୍କ ଗଣ ଅଣ୍ଡାଦାନ ପେଣ୍ଠସ୍ଥଳୀ ଭାବେ ଏହି ପୀଠ ପରିଚିତ। କିନ୍ତୁ ଚଳିତ ବର୍ଷ ଏଠାରେ ପର୍ଯ୍ୟଟକଙ୍କ ଆଗମନ କମୁଥିବା ପରିଲକ୍ଷିତ ହୋଇଛି। ଏହାର ମୁଖ୍ୟ କାରଣ ଭୋଜିଭାତ ପାଇଁ ପାନୀୟ ଜଳ ସମସ୍ୟା। ମାତ୍ର ଗୋଟିଏ କୂଅ ଥିବାରୁ ଆବଶ୍ୟକତା ମେଣ୍ଟାଇପାରୁନି। ପୀଠ ସମ୍ମୁଖରେ ଦୁଇ ବଖରା ଘର ଅଛି। ଏହାର ଆଜ୍‌ବେଷ୍ଟସ ଗତ ଫନି ବାତ୍ୟାରେ ଉଡ଼ିଯାଇଛି। ଫଳରେ ରୋଷେଇ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟନ। ଏଥିସହ ପର୍ଯ୍ୟଟକମାନଙ୍କ ଖିଆପିଆ ପାଇଁ ଏକ ପିଣ୍ଡି ନିର୍ମାଣ ହୋଇଛି। ତାହା ମଧ୍ୟ ଭାଙ୍ଗିରୁଜି ଗଲାଣି। ମା'ଙ୍କ ଏହି ପୀଠରେ ପ୍ରତିବର୍ଷ ଗଙ୍ଗାଦେବୀଙ୍କ ଯାତ୍ରା ଅନୁଷ୍ଠିତ ହେଉଛି। ଯାତ୍ରା ତିନିଦିନର ପ୍ରବଳ ଭିଡ଼ ଜମିଥାଏ। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପୂଜକ ଜାନି ବେହେରା କହିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତି ଶଙ୍କର ରାଏ ପଞ୍ଚାୟତ ସମିତି ବୈଠକରେ ପୀଠର ବାଉଣ୍ଡାରିୱାଲ, ଶୌଚାଳୟ, ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।


ମା' ଗଙ୍ଗାଦେବୀ ପୀଠ।

## ସଂକ୍ଷେପରେ

### ମହିଳା ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ରାଲି

**କବିସୂର୍ଯ୍ୟନଗର,୨୯।୧୨:** ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍ପ୍ଲାନେଡ ମଲରେ ବେଆଇନ ପାର୍କିଂ ଫି ଆଦାୟର ଖବର ସଂଗ୍ରହ କରିବାକୁ ଯାଇ ଖବରଦାତା ସ୍ୱାତୀ ଜେନା ଆକ୍ରମଣର ଶିକାର ହୋଇଥିଲେ। ବିଡିଏର କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ସେଠାରେ ବେଆଇନ ପାର୍କିଂ ଫି ଆଦାୟ କରାଯାଉଥିଲା। ଲାଇଭ୍ ଟେଲିକାଷ୍ଟ ଚାଲିଥିବା ବେଳେ ମଲ୍ର କର୍ମଚାରୀ ମହିଳା ଖବରଦାତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ସ୍ଥାନୀୟ ଅଞ୍ଚଳର ସମସ୍ତ ଖବରଦାତା ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରୁ ରାଲିରେ ବାହାରିଥିଲେ। କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ କୁମାର ସାହୁଙ୍କୁ ଭେଟି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ସାମ୍ବାଦିକଙ୍କ ସୁରକ୍ଷା, ଦରମା, ଗୃହ ଯୋଗାଇବା ପାଇଁ ଦାବି କରାଯାଇଛି। ଏଥିରେ ଅଞ୍ଚଳର ଅନେକ ସାମ୍ବାଦିକମାନେ ସାମିଲ ଥିଲେ ।

### ଧାନମଣ୍ଡିରେ ଅନିୟମିତତା ନେଇ ବିଧାୟକଙ୍କୁ ଅଭିଯୋଗ

**ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.):** ଧାନକ୍ରୟରେ ଅନିୟମିତତା ହୋଇଥିବା ଚାଷୀମାନେ ରବିବାର ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କୁ ତାଙ୍କ ବାସଭବନରେ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ହାଡୁଭାଙ୍ଗି ପଞ୍ଚାୟତ ସଦର ସମେତ ନୀଳାପୁର, କଞ୍ଚୁରୁ ଆଦି ପ୍ରାୟ ୫ ଗ୍ରାମର ଚାଷୀ ହାଡୁଭାଙ୍ଗି ସେବା ସମବାୟ ସମିତି ଉପରେ ନିର୍ଭର କରିଥାନ୍ତି । ଏହି ସମବାୟ ସମିତିରେ ଗତବର୍ଷ ଚାଷୀଙ୍କଠାରୁ ୩୩ହଜାର କୁଇଣ୍ଟାଲ୍ ଧାନ କିଣାଯାଇଥିବାବେଳେ ଚଳିତବର୍ଷ ତାହା କମି ୨୭ଶହ କୁଇଣ୍ଟାଲ୍ରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ତେବେ ଏଠାରେ ପ୍ରଶାସନର ଇଙ୍ଗିତରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କରିବାରେ ବ୍ୟତିକ୍ରମ କରାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସମବାୟ ସମିତିର ସମ୍ପାଦକଙ୍କୁ ଗତବର୍ଷ ନିଲମ୍ବିତ କରାଯାଇଥିବାବେଳେ ସେଠାରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସମିତିରେ କିଣାଯାଇଥିବା ଧାନ ପ୍ରଶାସନ ପକ୍ଷରୁ କିଣା ନ ଯିବାରୁ ସମିତିର ନିର୍ବାହୀ ନିର୍ଦ୍ଦେଶକ ଏବଂ ସଭାପତି ବାଧ ହୋଇ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀଙ୍କୁ ବିକ୍ରି କରିଛନ୍ତି। ଓଡ଼ିଶା ସରକାରଙ୍କ ଧାର୍ଯ୍ୟମୂଲ୍ୟ ଠାରୁ କମ୍ ଟଙ୍କାରେ ଧାନ ବିକ୍ରି କରିଥିବା ଜଣାଇଛନ୍ତି। ଏପରିକି ସେହି ଅର୍ଥ ଦୁଇମାସ ପରେ ମିଳିବ ବୋଲି ମଧ ଜଣାପଡ଼ିଛି। ଧାନକ୍ରୟ ଏବଂ ମଣ୍ଡି ପରିଚାଳନାରେ ଅନିୟମିତତା ଯୋଗୁ ଚାଷୀମାନେ ସମସ୍ୟାରେ ପଡ଼ି ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବିଧାୟକ ରାଓ ଏ ନେଇ ପଦକ୍ଷେପ ନେବାପାଇଁ ବିଭାଗୀୟ ପଦାଧିକାରୀମାନଙ୍କୁ ଯୋଗାଯୋଗ କରିଥିବା ପ୍ରକାଶ କରିଛନ୍ତି। ହାଡୁଭାଙ୍ଗି ସେବା ସମବାୟ ସମିତିର ସଭାପତି ଏସ୍. କ୍ରିଷ୍ଣମୂର୍ତ୍ତି, ନିର୍ବାହୀ ସଭ୍ୟ ପି. ବାବୁ ରାଓ, ଜି. ଚିଟିବାବୁ, ଏସ୍. ଆଦିନାରାୟଣ, ଏସ୍. ଆନନ୍ଦ ରାଓ ବିଧାୟକଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଏଥିପାଇଁ ମୁଖ୍ୟତଃ ଏଆର୍ସିଏସ୍ ଦାୟୀ ବୋଲି କହିଛନ୍ତି।

■ ଦକ୍ଷିଣ ଓଡ଼ିଶା ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ

# ମା’, ମାଟି, ମାତୃଭାଷା ପ୍ରତି ସମ୍ମାନ ରହିଲେ ବିକାଶ ସମ୍ଭବ

**ଭଞ୍ଜନଗର,୨୯।୧୨(ଡି.ଏନ.ଏ)**

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ରବିବାର ଦକ୍ଷିଣ ଓଡ଼ିଶା ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ପାଇଁ ଓଡ଼ିଶାରେ ପ୍ରଥମ ସଭା ୧୮୭୦ ମସିହା ସେପ୍ଟେମ୍ବର ୧୪ ତାରିଖରେ ଭଞ୍ଜନଗରରେ ହୋଇଥିଲା। ଏହାର ୧୫୦ତମ ପୂର୍ତ୍ତି ଉତ୍ସବ ମଧ୍ୟ ଏହି ଅବସରରେ ପାଳନ କରାଯାଇଥିଲା। ଭଞ୍ଜନଗର ଉପଖଣ୍ଡ ସଂଯୋଜକ ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ସୁଶାନ୍ତ କୁମାର ସାବତ ଉଦ୍ଘାଟନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଏବେ ବି ବିଚ୍ଛିନ୍ନାଞ୍ଚଳବାସୀ ନାନା ଅସୁବିଧାରେ ଅଛନ୍ତି। ସେମାନଙ୍କ ବିକାଶ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ବିଚ୍ଛିନ୍ନାଞ୍ଚଳବାସୀ ନିଜ ମାଟିକୁ ଭୁଲିବାକୁ ଚିନ୍ତା କରୁଛନ୍ତି । ଓଡ଼ିଶା ମାନଚିତ୍ର ବଦଳି ଯାଉଛି। ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ତ୍ରିପାଠୀ କହିଥିଲେ। ମା’ ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରହିଲେ ଓଡ଼ିଆ ଜାତିର ବିକାଶ ସମ୍ଭବ ବୋଲି ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲର ପୂର୍ବତନ ଅଧ୍ୟକ୍ଷ ଡ଼. ପି.ସି ସାହୁ, ଅନୁଷ୍ଠାନର ଦିଲ୍ଲୀ ସଂଯୋଜକ ଦେବୀ ପ୍ରସାଦ ସାମନ୍ତ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ଗୋପାଳ ବିଷୋୟୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଶୋକ ସ୍ୱାଇଁ, ଦୁର୍ଗାମାଧବ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ମଞ୍ଚାସୀନ ଅତିଥି ।

## ବାଣାୟତ ଓଡ଼ିଆ ସମାଜ ମହାସଭା

**ଆସିକା,୨୯।୧୨(ଡି.ଏନ୍.ଏ.)**

ଖାଲସା ତାଲୁକା ବାଣାୟତ ଓଡିଆ ସମାଜର ନିର୍ବାଚନୀ ମହାସଭା ରବିବାର ମଧ୍ୟାହ୍ନରେ ଆସିକା ବ୍ଲକ୍ ଅନ୍ତର୍ଗତ ମଣ୍ଡାପଡାସ୍ଥିତ ଓଡ଼ିଆ ସମାଜ ଗୃହ ଠାରେ ଅନୁଷ୍ଠିତ ହୋଇଥିଲ। ତାଲୁକା ସଭାପତି ପୂର୍ଣ୍ଣଚନ୍ଦ୍ର ବରାଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଆସିକା ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ସମାଜର ରାଜ୍ୟ ସଭାପତି ସନ୍ତୋଷ କୁମାର ନାୟକ, ଭଗବାନ ପ୍ରଧାନ, ମୁଖ୍ୟବକ୍ତା ରୂପେ ଜିଲା ସଭାପତି ଗନ୍ଧର୍ବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜର ଭାଇମାନେ ପାରସ୍ପରିକ ସହଯୋଗ ଓ ବୁଝାମଣା ମଧ୍ୟରେ ସମାଜର ଐତିହ, ସଂସ୍କୃତି ଓ ଭାଇଚାରାକୁ ସୁଦୃଢ କରିବାକୁ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା। ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ଯୌତୁକ ବିହିନ ବିବାହ, ସମାଜର ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ନିମନ୍ତେ ସମାଜ ପକ୍ଷରୁ ସହଯୋଗ, ନାରୀ ଶିକ୍ଷାର ପ୍ରସାର ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆସନ୍ତା ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ରୂପେ ପୂର୍ଣ୍ଣଚନ୍ଦ୍ର ବରାଡ, ସମ୍ପାଦକ ବୁଲୁ ଖଟାଇ, ଉପସଭାପତି ତ୍ରିନାଥ ନାହାକ, କୋଷାଧ୍ୟକ୍ଷ ନାରାୟଣ ସାହୁ ଓ ଉପଦେଷ୍ଟା ଭାବେ ଗଜପତି ନାହାକ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧି ଯୋଗଦେଇଥିଲେ।



ନିର୍ବାଚନୀ ସଭାରେ ମଞ୍ଚାସୀନ ଅତିଥି।

## ଗାୟତ୍ରୀ ମହାଯଜ୍ଞ ଲାଗି ଭୂମି ପୂଜନ

**ଆସିକା,୨୯।୧୨(ଡି.ଏନ୍.ଏ.)**

ଆସିକା କଳିଙ୍ଗା ରୋଡ ସଂଲଗ୍ନ ମହୋତ୍ସବ ପଡିଆରେ ୧୦୮ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଲାଗି ରବିବାର ପ୍ରସ୍ତାବିତ ଭୂମି ପୂଜନ ଓ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଆସିକା ଏମ୍ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉପଜୋନ୍ ପ୍ରଭାରୀ ଡ. ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗଦେଇ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ପରେ ଦେବ ଦର୍ମ୍ମିଙ୍କ ଦ୍ୱାରା ଏକ ପଞ୍ଚକୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମା ଖମ୍ବେଶ୍ୱରୀଙ୍କ ପୀଠରୁ ଆଜ୍ଞାମାଳ ସହ ଶୁଭଖୁଣ୍ଟିକୁ ନେଇ ଶ୍ରଦ୍ଧାଳୁମାନେ ନଗର ପରିକ୍ରମା ପରେ ଯଜ୍ଞ ସ୍ଥଳିରେ ପହଞ୍ଚିଥିଲେ। ମହାଯଜ୍ଞର ସଂଯୋଜକ ଜ୍ୱାଲା ପ୍ରସାଦ ଆଚାର୍ଯ୍ୟ, ପାଣ୍ଡବ ଗୌଡ ପ୍ରମୁଖ ସାମିଲ୍ ଥିଲେ।

■ ମା’ ବାଙ୍କେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

## ବ୍ରହ୍ମପୁର ସ୍ପିରିଟ୍ ଇଲେଭେନ ବିଜୟୀ

**ଦିଗପହଣ୍ଡି,୨୯।୧୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ମା’ ବାଙ୍କେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଶନିବାର ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ବ୍ରହ୍ମପୁର ଲାଞ୍ଜିପଲ୍ଲିର ସ୍ପିରିଟ ଇଲେଭେନ କ୍ରିକେଟ କ୍ଲବ ପ୍ରତିପକ୍ଷ ଗୋକର୍ଣ୍ଣପୁର ଗାଁର ଷ୍ଟାର ଇଲେଭେନ କ୍ରିକେଟ କ୍ଲବକୁ ପରାସ୍ତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ବ୍ରହ୍ମପୁରର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୬୬ ରନ କରିଥିଲା। ଜବାବରେ ପ୍ରତିପକ୍ଷ ଗୋକର୍ଣ୍ଣପୁର ୫ ଉଇକେଟ ହରାଇ ମାତ୍ର ୮୯ ରନ କରି ପରାଜିତ ହୋଇଥିଲା। ମାଧବ ରେଡ୍ଡୀ ଓ ନବୀନ ଦୋରା ମ୍ୟାଚରେ ଅମ୍ପାୟାରିଂ କରିଥିଲେ। ଆୟୋଜକ ମାଁ ବାଙ୍କେଶ୍ୱରୀ କ୍ରିକେଟ କ୍ଲବ କର୍ମକର୍ତ୍ତା ସତୀଶ କୁମାର ଦୋରା, ବୁଲୁ ଦୋରା, ମିଥୁନ ଦୋରା, ବିଷ୍ଣୁ ରେଡ୍ଡୀ, ରଞ୍ଜନ ଦୋରା, ସମୀର ଦୋରା ପ୍ରମୁଖ ସଭ୍ୟ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ।

## ଧାନ ଗଦା ଜଳିଗଲା



ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଧାନଗଦା।

**ବେଗୁନିଆପଡ଼ା,୨୯।୧୨(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତର ମୁଣ୍ଡୁଳା ଗ୍ରାମରେ ରବିବାର ଗଙ୍ଗା ପ୍ରଧାନଙ୍କ ଧାନ ଗଦା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ କୋଦଳା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ଅପରାହ୍ନରେ ପଳାଶପଲ୍ଲୀ ନିକଟରେ ଥିବା ଗଙ୍ଗାଙ୍କ ୫ ଭରଣ ଜମିର କଳେଇ ଗଦାରେ କୌଣସି କାରଣରୁ ନିଆଁ ଲାଗିଯାଇ ସମସ୍ତ କଳେଇ ପୋଡ଼ିଯାଇଥିଲା।

## ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଦିଆଯାଉଛି।

**ଛତ୍ରପୁର/ଗଞ୍ଜାମ,୨୯।୧୨(ଡି.ଏନ୍.ଏ.)**

ଛତ୍ରପୁରଠାରେ ରବିବାର ଗଞ୍ଜାମ ଜିଲା ଭାଜପାର ନୂତନ ସଭାପତି ବିଭୂତି ଭୂଷଣ ଜେନାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ପୁଡିଗୋପାଳପୁର ସ୍ଥିତ ବିଶେଶ୍ୱର ମନ୍ଦିର ନିକଟରୁ ଜିଲା ଭାଜପା ସଭାପତି ଜେନାଙ୍କୁ ଶୋଭାଯାତ୍ରାରେ ମଝି ବଜାର, ରିକାପଲ୍ଲୀ ଦେଇ ଗଞ୍ଜାମ ସହରକୁ ନିଆଯାଇଥିଲା । ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଗଞ୍ଜାମ ଏନଏସି ୪ନଂ ୱାର୍ଡର ପୂର୍ବତନ କାଉନସିଲର ମଣ୍ଟୁ ରାଉଳ ଓ ସ୍ଥାନୀୟ ଅଞ୍ଚଳର କାଲୁ ବେହେରା ତାଙ୍କ ସମର୍ଥକଙ୍କ ସହ ଭାଜପାରେ ମିଶିଥିଲେ। ଛତ୍ରପୁରର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ ନେତା ଭୃଗୁ ବକ୍ସିପାତ୍ର, କାହ୍ନୁ ଚରଣ ପତି, ପ୍ରଦୀପ ପାଢୀ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଛତ୍ରପୁର ନଗର ଭାଜପା ସଭାପତି ସଞ୍ଜୀତ ରାଉଳ, କୀର୍ତ୍ତନ ଦାସ, ଜିଲାପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ପଦ୍ମଚରଣ ସାହୁ, ଚୈତନ୍ୟ ପ୍ରଧାନ, ଭୀମସେନ ବେହେରା, ରୁଇନା ପଟ୍ଟନାୟକଙ୍କ ସମେତ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ମଣ୍ଡଳର ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଜିଲା ସଭାପତି ପରାମର୍ଶ ଦେଇଥିଲେ।

ଆନ୍ତଃ ଜିଲା ଭଲିବଲ, ଫୁଟବଲ ଟୁର୍ନାମେଣ୍ଟ

## ଗୁମ୍ମା, ବ୍ରହ୍ମପୁର ବାରାକ୍ସ ଚାମ୍ପିୟନ

**ଦିଗପହଣ୍ଡି,୨୯।୧୨(ଡି.ଏନ.ଏ.)**

ଦିଗପହଣ୍ଡି ଖେମୁଣ୍ଡି ଭଲିବଲ ଓ ଫୁଟବଲ କ୍ଲବ ପକ୍ଷରୁ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳ ପଡିଆରେ ବସନ୍ତ ସ୍ମାରକୀ ଆନ୍ତଃ ଜିଲା ଭଲିବଲ ଓ ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭଲିବଲରେ ଗଜପତି ଜିଲା ଗୁମ୍ମା ଗ୍ରାମର ଭଲିବଲ ଟିମ ପ୍ରତିପକ୍ଷ ବ୍ରହ୍ମପୁରର ପାୱାର ସିକ୍ସକୁ କ୍ରମାଗତ ୨-୦ ସେଟରେ ପରାଜିତ କରି ଚାମ୍ପିୟନ ହୋଇଛି। କ୍ରିଡ଼ା ଶିକ୍ଷକ ଏ.ଜଗନ୍ନାଥ ପ୍ରସାଦ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ବ୍ରହ୍ମପୁର ବାରାକ୍ସ ଫୁଟବଲ ଟିମ ପ୍ରତିପକ୍ଷ ଭବାନୀପାଟଣା ଶିବରାମ ଯୁବକ ସଂଘ ଫୁଟବଲ କ୍ଲବକୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଉଦ୍ଯାପନୀ ଉତ୍ସବରେ ଟୁର୍ନାମେଣ୍ଟ ପରିଚଳନା କମିଟି ସଭାପତି କୁରେଶୁ ମହାରଣା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅଶେଷ ନାଥ ମିଶ୍ର, ବିଶିଷ୍ଟ କ୍ରୀଡ଼ାବିତ ପରେଶ ଚନ୍ଦ୍ର ମୁଖାର୍ଜୀ, ସାମାଜିକ କର୍ମୀ କେ.କୁନା, ବିକାଶ ପଶୁପାଳକ, ଅର୍ଦ୍ଧ.ଗୋବିନ୍ଦ, ଶିବଶଙ୍କର ମହାଙ୍କୁଡ, ପ୍ରଭାକର ରେଡ୍ଡୀ, ରଞ୍ଜିତ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ଭଲିବଲ ରେଫେରି ଭାବେ କ୍ରୀଡ଼ା ଶିକ୍ଷକ ଏ.ଜଗନ୍ନାଥ ପ୍ରସାଦ ଓ ଫୁଟବଲ ରେଫେରି ଭାବେ ପ୍ରଶାନ୍ତ କୁମାର ପାଲ, ଶିବଶଙ୍କର ପଣ୍ଡା, ରଞ୍ଜିତ କୁମାର ପାତ୍ର, ଅଭିମନ୍ୟୁ ବେହେରାଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଭଲିବଲ ଖେଳାଳି ଭାବେ ସୂର୍ଯ୍ୟ ପୃଷ୍ଟି, ସୋନମ ମଲ୍ଲିକ, ନକ୍ସଲ ନାୟକ ଏବଂ ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ମଣ୍ଟୁ ପ୍ରଧାନ, ସନ୍ତୋଷ ବେହେରା, ଶିଶିର ନାୟକ, ବିଜୟ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ ଟିମ ସଦସ୍ୟ।

## ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ନାମେଣ୍ଟ ଉଦ୍ଯାପିତ

**ସୋରଡ଼ା,୨୯।୧୨(ଡି.ଏନ.ଏ.)**

ସୋରଡ଼ା ବୈଷୟିକ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରାଜ୍ୟସ୍ତରୀୟ ଓପନ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଚେସ୍ ଆସୋସିଏଶନ ଓ ରାଜ୍ୟ ଚେସ୍ ସଂଘ ସହଯୋଗ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ବିଡିଓ ସୀମାଞ୍ଚଳ ମଣ୍ଡଳ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପ୍ରଧାନ, ଥାନାଧିକାରୀ ରମେଶ ଚନ୍ଦ୍ର ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶାର ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, କେନ୍ଦୁଝର, ଭଦ୍ରକ, ବ୍ରହ୍ମପୁର, ବାଲେଶ୍ୱର, କଟକ ସମେତ ଗଞ୍ଜାମର ବିଭିନ୍ନ ଅଞ୍ଚଳରୁ ଶିଶୁ, ଯୁବକ, ମହିଳା, ବୃଦ୍ଧ ଏପରି ୩୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସଂଘର ରାଜ୍ୟ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ଥାନୀୟ ବିଚାରକ ରମେଶ ଚନ୍ଦ୍ର ସେଠୀ, ସମ୍ପାଦକ ସୀମାଞ୍ଚଳ ଦାଶଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୦ଟାରେ ୫ ରାଉଣ୍ଡ ଏବଂ ଅପରାହ୍ନରେ ୨ ରାଉଣ୍ଡ ମୋଟ ୭ ରାଉଣ୍ଡ ଖେଳ ହୋଇଥିଲା। ବେଷ୍ଟ ମହିଳା ଖେଳାଳି ଭାବେ ରଶ୍ମିତା ପାତ୍ର ଭଦ୍ରକ, ବେଷ୍ଟ ପୋଖତ ଖେଳାଳି ଭାବେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅଧିକ ପଏଣ୍ଟରେ ପ୍ରଥମ ଜିତେନ୍ଦ୍ର ଦାଶ ନୟାଗଡ଼, ଦ୍ୱିତୀୟ ସଞ୍ଜିବ ଚର୍ଚ୍ଚି ବ୍ରହ୍ମପୁର, ବସନ୍ତ ବିଷୋୟୀ ନୟାଗଡ଼, ଶିବ ପ୍ରସାଦ ପଣ୍ଡା ବ୍ରହ୍ମପୁର, ଲୋରେନସ୍ ପ୍ରଧାନ ଭୁବନେଶ୍ୱର ଏମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ଏହାଛଡ଼ା ୧୦ ଜଣ ବୟସ୍କ ବର୍ଗରେ, ୯ ଜଣ ଛାତ୍ର ବର୍ଗରେ ପୁରସ୍କାର ଟ୍ରଫି, ମାନପତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦେବେନ୍ଦ୍ର ପାତ୍ର, ନିରଞ୍ଜନ ଗୌଡ଼, କୁମୁଦ ଚନ୍ଦ୍ର ବାଡ଼ତ୍ୟା, କାଳି ଚରଣ ପ୍ରଧାନ, ସୀମାଞ୍ଚଳ ଦାଶ, ରମେଶ ସେଠୀ, ଅନିଲ ସାହୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏଠାରେ ଏକ ଜାତୀୟ ସ୍ତରର ଚେସ୍ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଆଲୋଚନା ହୋଇଥିଲା।



ପ୍ରତିଯୋଗିତା ଚାଲିଛି।

## ଦିଗପହଣ୍ଡିରେ ଜିଲାସ୍ତରୀୟ ଲେଖକ ସମ୍ମିଳନୀ

■ ପତ୍ରିକା ଉନ୍ମୋଚନ, ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା, କବିତା ପାଠୋତ୍ସବ

**ଦିଗପହଣ୍ଡି,୨୯।୧୨(ଡି.ଏନ.ଏ.)**

ଦିଗପହଣ୍ଡିସ୍ଥିତ ଚନ୍ଦ୍ର ଚୂଡେଶ୍ୱର ଶୈବପୀଠ ପରିସରରେ ରବିବାର ସାରସ୍ୱତ ଅନୁଷ୍ଠାନ ଲୋକସେବା ପରିଷଦ ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବାଲାଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସ୍ଥିତ ଆଞ୍ଚଳିକ ଉଚ୍ଚ ଶିକ୍ଷା ଉପ ନିର୍ଦ୍ଦେଶକ ଡ. କୁଳମଣି ଓଝା, ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ବିଜୟ ଉପାଧ୍ୟାୟ, ଅବସରପ୍ରାପ୍ତ ପୋଲିସ ଡିଏସ୍ପି ଦିଲୀପ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ପତ୍ରିକା ‘ସବୁଜପତ୍ର’କୁ ଉନ୍ମୋଚନ କରିଥିଲେ। ‘ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା’ ଶୀର୍ଷକ ବିଷୟବସ୍ତୁ ଉପରେ ଅତିଥିମାନେ ସବିଶେଷ ଆଲୋଚନା କରିଥିଲେ। ସୁସ୍ଥ ସମାଜ ଗଠନରେ ସାହିତ୍ୟିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ବାସ୍ତବଧର୍ମୀ ସାହିତ୍ୟ ରଚନା ଉପରେ ଗୁରୁତ୍ୱାରୋପ କରିଥିଲେ। ସାହିତ୍ୟିକମାନେ ସେମାନଙ୍କ କଲମ ଚାଳନାବେଳେ ବିଶେଷତଃ ଦୁଇଟି ଦିଗକୁ ଦୃଷ୍ଟି ଦେଇଥାନ୍ତି। ଗୋଟିଏ ପ୍ରଚଳିତ ପରମ୍ପରା ଗତ କଥା ଅର୍ଥାତ୍ ପୁରାଣ, ଗଳ୍ପ, କାବ୍ୟ, ଉପାଖ୍ୟାନ, କିମ୍ବଦନ୍ତୀ, ଲୋକକଥା ଇତ୍ୟାଦି ଓ ଅନ୍ୟଟି ହେଲା ଅଳଙ୍କାର ଶାସ୍ତ୍ର ବାସ୍ତବରେ ସ୍ରଷ୍ଟାର ସୃଷ୍ଟି ମାନସରେ ଯେଉଁ ସୂକ୍ଷ୍ମ ବିଶ୍ୱରୂପଟି ବିକଶିତ ହୁଏ, ତାର ଭିନ୍ନ ଦିଗଟି ସାମାଜିକ ଶୃଙ୍ଖଳା, ନୀତିପରାୟଣତା, ପାରମାର୍ଥିକ ଧାରଣା ପ୍ରତି ଦୃଷ୍ଟି ଦେଇ ସଂରଚନା ହୋଇଥାଏ। ତେଣୁ ସେଥିରେ ସାମାଜିକ ପ୍ରତିବଦ୍ଧତା ରହିଥାଏ ବୋଲି ଅତିଥିବୃନ୍ଦ ଆଲୋଚନା ସଭାରେ ମତପ୍ରକାଶ କରିଥିଲେ। ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପଣ୍ଡାଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପମାଲ୍ୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବି ଚିନ୍ମୟ ରଞ୍ଜନ ମିଶ୍ର ଓ ରତ୍ନାକର ସିଅଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ଦିଗପହଣ୍ଡି ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା କୁସୁମଲତା ମହାପାତ୍ର, ମୀନାକ୍ଷୀ ପାଢ଼ୀ, ସଂହିତା ମହାନ୍ତି, ବନ୍ଦନା ମହାପାତ୍ର, ସରୋଜିନୀ ସାହୁ, ରିତାରାଣୀ କରଣ ପ୍ରମୁଖ କବୟିତ୍ରୀ ଓ ବହୁସଂଖ୍ୟକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସମସ୍ତଙ୍କୁ ଲୋକସେବା ପରିଷଦ ପକ୍ଷରୁ ଅତିଥିବୃନ୍ଦ ମାନପତ୍ର ପ୍ରଦାନ ପୂର୍ବକ ସମର୍ଦ୍ଧିତ କରିଥିଲେ।



ଅତିଥିଙ୍କ ଦ୍ୱାରା ପତ୍ରିକା ‘ସବୁଜ ପତ୍ର’ ଉନ୍ମୋଚନ।

## ସଂକ୍ଷେପରେ

### ୩ ବଖରା ଜଳିଗଲା



**ଦିଗପହଣ୍ଡି,୨୯।୧୨(ଡି.ଏନ୍.ଏ.)**- ଦିଗପହଣ୍ଡି ବ୍ଲକ ଖମାରୀଗାଁରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟି ବାବୁ ଗୌଡ ଓ ନାରାୟଣ ଗୌଡଙ୍କ ୩ ବଖରା ଜଳିଯାଇଛି। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ ବେହେରା ଓ ବଳରାମ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୨୫ ହଜାର ଟଙ୍କା ମୂଲ୍ୟର ଘରକରଣା, ଆସବାବପତ୍ର, ଖାଦ୍ୟଶସ୍ୟ ଭସ୍ମୀଭୂତ ହୋଇଯାଇଛି। ବିପନ୍ନମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ସନ୍ତୋଷ କୁମାର ପାତ୍ର ଦାବି କରିଛନ୍ତି।

### ବଳାତ୍କାର ମାମଲାର ଅଭିଯୁକ୍ତ ଗିରଫ

**ଆସିକା,୨୯।୧୨(ଡି.ଏନ୍.ଏ.)**- ଆସିକା ଥାନା ଅଞ୍ଚଳରେ ଗତ ୨୦୧୬ରେ ଘଟିଥିବା ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଶନିବାର ରାତିରେ ଆସିକା ପୋଲିସ ଗିରଫ କରିଥିଲା। ସେ ହେଲେ ଆସିକା ଥାନା ଅଞ୍ଚଳର ଟୁନା ଚୌଧୁରୀ। ରବିବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଟୁନା ଏହି ଘଟଣା ପରେ ଫେରାର୍ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଯୋଗ ପ୍ରତିଯୋଗିତାରେ କୃତିତ୍ୱ

**ଆସିକା,୨୯।୧୨(ଡି.ଏନ୍.ଏ.)**- କଟକସ୍ଥିତ ବାରବାଟି ଯୋଗ ଆସୋସିଏଶନ ପକ୍ଷରୁ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଜାତୀୟ ଯୋଗ ପ୍ରତିଯୋଗିତାରେ ଗଞ୍ଜାମ ଯୋଗ ଚେତନା ସମିତିର ପ୍ରତିନିଧି ଶିବରାମ ସ୍ୱାଇଁ କୃତିତ୍ୱ ହାସଲ କରିଥିବା ଜଣାଯାଇଛି। ଶିବରାମ ୧୭ ବର୍ଷରୁ ଊର୍ଦ୍ଧ୍ୱ ଗ୍ରୁପ୍ ଡି ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଆସିକା ବ୍ଲକ ବାବନପୁରସ୍ଥିତ ଗଞ୍ଜାମ ଯୋଗଚେତନା ସମିତିର ଶିବରାମଙ୍କ ସମେତ ଗଣେଶ ଖଣ୍ଡୁଆଳ, ରବୀନ୍ଦ୍ର କୁମାର ନାୟକ, କାର୍ତ୍ତିକେଶ୍ୱର ଖଣ୍ଡୁଆଳ, କିରଣ ସାହୁ, ମୁବାରକ୍ ଖାନ୍, ରାହୁଲ୍ ସେଠୀଙ୍କ ସମେତ ୨୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଫିରିଙ୍ଗିଆ,୨୯।୧୨**- ଫିରିଙ୍ଗିଆ ବ୍ଲକ ସଭାଗୃହରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ବିଡିଓ ରଶ୍ମୀରଞ୍ଜନ ମହନ୍ତ, ସାମାଜିକ ସୁରକ୍ଷା ଅଧିକାରୀ ମୈତ୍ରୀ ଶତପଥୀ, ଇତିଶ୍ରୀ ପଟ୍ଟନାୟକ ଯୋଗଦେଇ ୯୬ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ମୋଟ ୨୪ ପଞ୍ଚାୟତର ଏହି ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ପ୍ରଦାନ କରାଯାଇଥିଲା।

### ସାହିତ୍ୟ ସଂସଦର ଶୀତ ଆସର

**ବନ୍ତ, ୨୯।୧୨(ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଚିନ୍ତା ଚେତନା ସାହିତ୍ୟ ସଂସଦର ଶୀତ ଆସର ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ବାଞ୍ଛାନିଧି ରାଉଳ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାସ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନା ଓ କୀର୍ତ୍ତନ ବିହାରୀ ଜେନା ଅତିଥି ଭାବେ ଯୋଗଦେଇ କବିଙ୍କ କବିତାରେ ଶୀତ ଆଗମନରେ ପ୍ରକୃତିର ସମ୍ଭାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ଅଶୋକ କୁମାର ଦେଓ।

## ■ ଅଥୟ କଲାଣି କନ୍ଧମାଳରେ ଶୀତ

# ଫୁଲବାଣୀରେ ୫, ଦାରିଙ୍ଗବାଡ଼ିରେ ୫.୫ ଡିଗ୍ରୀ ତାପମାତ୍ରା

**ଫୁଲବାଣୀ ଅଫିସ, ୨୯।୧୨**

କନ୍ଧମାଳ ଜିଲାରେ ଅଥୟ ହେଲାଣି ଶୀତ। ସକାଳଠୁ ରାତି ପର୍ଯ୍ୟନ୍ତ ଶୀତ ପ୍ରକୋପରେ ଲୋକେ ନାହିଁ ନ ଥିବା ଯନ୍ତ୍ରଣା ଭୋଗୁଛନ୍ତି। ଗତ ଦୁଇଦିନ ଧରି ଶୀତ ପ୍ରକୋପ ଏତେ ବଢ଼ିଛି ଯେ, ରାସ୍ତାରେ ଗଲେ ମୁହଁ, ଗୋଡ, ହାତ ପୋଡିଗଲା ଭଳି ଅନୁଭୂତ ହେଉଛି। ଏହି ଦେହଥରା ଶୀତ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ଶନିବାରରୁ ରବିବାର ସକାଳ ଯାଏ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ଏବଂ ଦାରିଙ୍ଗିବାଡିରେ ୫.୫ ଡିଗ୍ରୀ ସେଲସିୟସ ଜିଲା ପାଣିପାଗ ତଥା ଜରୁରୀକାଳିନ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି।

ଗୁରୁବାର ରାତିରେ ଫୁଲବାଣୀରେ ତାପମାତ୍ରା ୧୫ ଡିଗ୍ରୀ ଥିବାବେଳେ ଶୁକ୍ରାବର ରାତିରେ ୧୦.୫ ଡିଗ୍ରୀ ଥିଲା। ହେଲେ ଶନିବାର ହଠାତ ୫ ଡିଗ୍ରୀକୁ ଖସିଆସିଥିଲା। ରାତି ୮ଟାରୁ ସକାଳ ଯାଏ ଘନ କୁହୁଡି ପରିସ୍ଥିତିକୁ ଆହୁରୀ ଜଟିଳ କରୁଛି। ବସ୍‌ଷ୍ଟାଣ୍ଡ, ସହରର ପ୍ରମୁଖ ସ୍ଥାନରେ ଲୋକେ ଥଣ୍ଡାରୁ ରକ୍ଷା ପାଇବାକୁ ନିଆଁ ଜାଳି ବସୁଛନ୍ତି। ଶୀତ ଲହରୀକୁ ଦେଖି ରାଜ୍ୟ ସରକାର ଜିଲା ପ୍ରଶାସନକୁ ସତର୍କ ସୂଚନା ଦେବାସହ ସ୍କୁଲ ଘର ଓ ସାଧାରଣ କୋଠା ରାତିରେ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବାସହୀନମାନେ ରାତିରେ ଆଶ୍ରୟ ନେଇ ପାରିବେ। ଘନ କୁହୁଡି ଯୋଗୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। କନ୍ଧମାଳର ଶୀତ ରାଜ୍ୟରେ ନିଆରା, ତେଣୁ ଏହାର ମଜା ନେବାକୁ ଜିଲାକୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିବାରେ ଲାଗିଛି। ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଦାରିଙ୍ଗିବାଡି, ରାଇକିଆର ମଣ୍ଡାସରୁ, କୋଟଗଡା ଲୁଦୁ, ଫୁଲବାଣୀର ପୁଟୁଡି, ଉର୍ମାଗଡ, କାଟ୍ରାମାଲ, ଖଜୁରିପଡାର ପକଡାଝର ଜଳପ୍ରପାତ ଆଦି ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ ଜମୁଛି।

## ଦାରିଙ୍ଗବାଡିରେ ତୁଷାରପାତ



ସିମନବାଡ଼ି ଅଞ୍ଚଳରେ ହୋଇଥିବା ତୁଷାରପାତ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ିରେ ରବିବାର ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ତୁଷାରପାତ ହୋଇଛି। ସିମନବାଡି ସମେତ କେତେକ ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡ଼ିରେ କୌଣସି ରାତ୍ର ଆଶ୍ରୟସ୍ଥଳ ନଥିବାରୁ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ଦାରିଙ୍ଗବାଡ଼ି ଆସିଥିବା ଲୋକ ବହୁ ହଇରାଣ ହେଉଛନ୍ତି। ତୁଷାରପାତ ଦେଖିବାକୁ ପର୍ଯ୍ୟଟକମାନେ ଭିଡ଼ ଜମିଥିଲା। ବିଳମ୍ବରେ ପହଞ୍ଚିଥିବା କେତେକ ପର୍ଯ୍ୟଟକ ଦେଖି ନ ପାରି ନିରାଶ ହୋଇଥିଲେ।

## ଖବରଦାତାଙ୍କୁ ଆକ୍ରମଣର ନିନ୍ଦା

### ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପାରଳାଖେମୁଣ୍ଡି,୨୯।୧୨(ସ୍ୱ.ପ୍ର.)**

ଭୁବନେଶ୍ୱରସ୍ଥିତ ଏସ୍‌ପ୍ଲାନେଡ୍ ସପିଂମଲ୍‌ରେ ଜଣେ କର୍ତ୍ତବ୍ୟରତ ମହିଳା ଖବରଦାତା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ସ୍ମାରକପତ୍ର ଗଜପତି ଜିଲାପାଳ ଅନୁପମ ଶାହାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏପରି ଘଟଣା ରାଜ୍ୟରେ ବାରମ୍ବାର ଘଟୁଥିବାରୁ ଗଣମାଧ୍ୟମର ସୁରକ୍ଷାକୁ ନେଇ ଏଥିରେ ସରକାରଙ୍କୁ ପ୍ରଶ୍ନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଗରୁଡ଼ଧ୍ୱଜ ଚୌଧୁରୀ, ଗଣେଶ ରାଜୁ, କେ.ସି.ଏଚ୍. ରତ୍ନମ, ତାରିଣୀ ପଣ୍ଡା, ଦ୍ୱିଜେନ୍ ପାଢୀ, ସୀତାକାନ୍ତ ପଣ୍ଡା, ରୂପେଶ ସାହୁ, ଶିଶିର ଗୌଡ଼, ବାସୁଦେବ ଦାସ, ସନ୍ତୋଷ ପଟ୍ଟନାୟକ, ସରୋଜ ପାଣିଗ୍ରାହୀ, ଜଗଦୀଶ ପଣ୍ଡା, ବୀର କିଶୋର ପଟ୍ଟନାୟକଙ୍କ ସମେତ ଜିଲାସ୍ତରୀୟ ଖବରଦାତାମାନେ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ଭିଡ଼, ଟ୍ରାଫିକ ଜାମ୍

**ଦାରିଙ୍ଗବାଡ଼ି,୨୯।୧୨(ଡି.ଏନ.ଏ)**

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ରବିବାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଶୀତର ମଜା ନେଇଛନ୍ତି। ଭୋର ସମୟଠାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଆଗମନ ହୋଇଥିବାବେଳେ ସନ୍ଧ୍ୟାରେ ଫେରିଯାଇଥିଲେ। ଫଳରେ ଦାରିଙ୍ଗବାଡ଼ିରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୋଲିସ ସଂଖ୍ୟା କମ୍ ଥିବାରୁ ଭିଡ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡିଥିଲା। ଉକ୍ତ ଥାନା ଅଞ୍ଚଳରେ ମିଡ଼ିୟୁବାନ୍ଧା ୱାଟର ଫଲ୍ ସମେତ କଫିବଗିଚା, ଡୁଲୁରୀ ପାଇନବଣ, ସାଇଲେଣ୍ଟ ଭ୍ୟାଲି, କିରିକୁଟି ନେଚର ଲଭର୍ସ ପଏଣ୍ଟ, ହିଲଭିୟୁ ପାର୍କ, ନେଚରପାର୍କରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତ ପର୍ଯ୍ୟଟନ କେନ୍ଦ୍ରରେ ଭିଡ ଜମିଥିବାରୁ ସେଠାକୁ ଯାଇ ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିପାରିନଥିଲା। ଗୋଟିଏପଟେ ଦାରିଙ୍ଗବାଡ଼ିକୁ ଏହି ଦିନରେ ସରକାରୀ ଏବଂ ବେସରକାରୀ ଭିଆଇପିମାନଙ୍କ ଗସ୍ତ ହେଉଥିବାବେଳେ ପୋଲିସ ସେମାନଙ୍କ ସୁରକ୍ଷା ଯୋଗାଇବା ସହ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବାରେ କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରୁଛି। ପର୍ଯ୍ୟଟକଙ୍କ ଭିଡ ଯୋଗୁ ଦାସିଂବାଡ଼ିଠାରୁ ଦାରିଙ୍ଗବାଡ଼ି ଏବଂ ଦାରିଙ୍ଗବାଡ଼ି ଠାରୁ ସିମନବାଡ଼ି ଦେଇ ବାଲିଗୁଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। କଫି ବଗିଚା ଏବଂ ଡୁଲୁରୀ ପାଇନ୍‌ବଣ ନିକଟରେ ପୋଲିସକୁ ଗାଡ଼ିମୋଟର ଭିଡ଼କୁ ନିୟନ୍ତ୍ରଣ କରିବାକୁ ବହୁ ସମୟ ଲାଗିଥିଲା।



ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରୁଛି।

## ବେତାଗୁଡ଼ା ଅଗ୍ନିଶମ କାର୍ଯ୍ୟାଳୟ
## ଦମକଳ ଅଛି, ପାଣି ନାହିଁ

**ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ବେତାଗୁଡ଼ାଠାରେ ରହିଛି ଅଗ୍ନିଶମ କାର୍ଯ୍ୟାଳୟ। ବିଭିନ୍ନ ସମୟରେ ନିଆଁ ଲିଭାଇବା ପାଇଁ ଏଠାରୁ ଦମକଳ ଗୁଡ଼ିକ ଯାଉଛି। ହେଲେ ପରିତାପର ବିଷୟ ଯେ, ଏଠାରେ ଦମକଳ ଗୁଡ଼ିକ ପାଇଁ ଆବଶ୍ୟକ ପାଣିର ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ଫଳରେ ଦମକଳ ଗୁଡ଼ିକ ପାଣି ପାଇଁ ୧୦ କିମିରୁ ଊର୍ଦ୍ଧ୍ୱ ଦୂରରେ ଥିବା ନାଳ ଉପରେ ନିର୍ଭର କରୁଛନ୍ତି। ପାଣିର ଅଭାବ ଯୋଗୁ ଅନେକ ସମୟରେ ଏହି ଗାଡ଼ି ଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚିପାରୁ ନ ଥିବା ଦେଖିବାକୁ ମିଳୁଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଦୃଷ୍ଟି ଦିଆ ନ ଯିବାକୁ ନେଇ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ପାଣିର ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଗଲେ ବହୁ ଧନ ଜୀବନର ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି । ଅପରପକ୍ଷରେ ଏହି ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପୂର୍ବରୁ ସହର ମଧ୍ୟଭାଗରେ ରହିଥିବାବେଳେ କିଛି ବର୍ଷ ହେଲା ତାହା ସ୍ଥାନାନ୍ତର କରାଯାଇ ୫ କିମି ଦୂର ବେତାଗୁଡ଼ା ପାହାଡ଼ ଅଞ୍ଚଳରେ କରାଯାଇଛି। ଫଳରେ ଅଗ୍ନି ଦୁର୍ଘଟଣା ସମୟରେ ଗାଡ଼ି ପହଞ୍ଚିବାରେ ଅସୁବିଧା ହେଉଛି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାପାଇଁ ଦାବି ହେଉଛି।

## ■ ଦାରିଙ୍ଗବାଡ଼ିରେ ଭ୍ରାମ୍ୟମାଣ ଶିବିର
# ୧୫୧ ଜଣଙ୍କୁ ମିଳିଲା ଲର୍ନିଂ ଡିଏଲ୍

**ଦାରିଙ୍ଗବାଡ଼ି,୨୯।୧୨(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟ ପରିସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପାଇଁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୫୧ ଜଣଙ୍କୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିବା ଏମ୍‌ଭିଆଇ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ କହିଛନ୍ତି। କନିଷ୍ଠ ମୋଟର ଯାନ ନିରୀକ୍ଷକ ବିଜୟ କୁମାର ବେହୁରାଙ୍କ ଉପସ୍ଥିତିରେ ଏହି ଶିବିର ପରିଚାଳିତ ହୋଇଥିଲା। ଦାରିଙ୍ଗବାଡ଼ିଠାରେ ତୃତୀୟଥର ପାଇଁ ଏପରି ଶିବିର କରାଯାଇଥିବାବେଳେ ଏହାର ଫାଇଦା ସ୍ଥାନୀୟ ଲୋକ ସୁବିଧାରେ ନେଇପାରିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଶିଶିର କୁମାର ରାଉତ, ଶଶାଙ୍କ ଶେଖର ସାହୁ, ସୁଲୁ ଭୁଟିଆ, ଅନିଲ ମହାରଣା ପ୍ରମୁଖ ଲାଇସେନ୍ସପ୍ରଦାନ କାର୍ଯ୍ୟ କରିଥିଲେ। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ସମେତ ଅନ୍ତରଙ୍ଗ ଯୁବ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଚାଚାଜୀ କପ୍ ଫୁଟବଲ: ଗୁଟିଙ୍ଗିଆ ଚାମ୍ପିୟନ



ଅତିଥି ସହ ଉଭୟ ଦଳର ଖେଳାଳି।

**ଜି.ଉଦୟଗିରି,୨୯।୧୨(ଡି.ଏନ.ଏ.)**

ଜି.ଉଦୟଗିରି ନିକଟ ଶିରିକି ଖେଳ ପଡ଼ିଆରେ ଚାଲିଥିବା ଗ୍ରାମାଞ୍ଚଳ ଚାଚାଜୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶନିବାର ଗୁଟିଙ୍ଗିଆ ଦଳ ଚାମ୍ପିୟନ ହୋଇଛି। ୯ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁଟିଙ୍ଗିଆ ବନାମ ବନାଙ୍ଗିଆ ମଧ୍ୟରେ ହୋଇଥିଲା, ଯେଉଁଥିରେ ଗୁଟିଙ୍ଗିଆ ଦଳ ୧–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ସିଲ ସହିତ ଆର୍ଥିକ ପୁରସ୍କାର ପାଇଥିଲା। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜି.ଉଦୟଗିରି ଭାଜପା ନଗର ସଭାପତି ଉଦେସନ ପ୍ରଧାନ, ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ, ମାଲିକପଡ଼ି ସରପଞ୍ଚ ସଚ୍ଚିଦାନନ୍ଦ ପ୍ରଧାନ, ସମିତିସଭ୍ୟ ଅମର ସିଂ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ମାଙ୍କଡ଼ ଆତଙ୍କ

**ଭଞ୍ଜନଗର,୨୯।୧୨(ଡି.ଏନ୍.ଏ.)**

ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟର ଅଭାବ ଦେଖାଦେଇଛି। ଜନବସତି ଅଞ୍ଚଳରେ ସୁସ୍ୱାଦୁ ଖାଦ୍ୟ ମିଳୁଥିବା ଯୋଗୁ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଜନବସତି ଅଞ୍ଚଳକୁ ଚାଲିଆସନ୍ତି। ଏହିଭଳି ମାଙ୍କଡ଼ମାନଙ୍କ ଦୌରାତ୍ମ୍ୟ ଭଞ୍ଜନଗର ସହରରେ ବିଗତ କିଛିଦିନ ହେବ ଦେଖିବାକୁ ମିଳିଛି। ମାଙ୍କଡ଼ମାନେ ଘରେ ପଶି ବିଭିନ୍ନ ଖାଦ୍ୟ ପଦାର୍ଥ ନେଇଯାଉଛନ୍ତି।

## ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକଙ୍କ ସ୍ମୃତିଚାରଣ



ଶୋକସଭାରେ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଅନ୍ୟମାନେ।

**ଦାରିଙ୍ଗବାଡ଼ି,୨୯।୧୨(ଡି.ଏନ.ଏ.)**

ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ରାମ ନାୟକଙ୍କ ଏକାଦଶାହରେ ଏକ ଶୋକସଭା ତାଙ୍କ ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିସ୍ଥିତ ଠାରେ ଶନିବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଜିଲାପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ସିଏନ୍‌ଆଇ ଚର୍ଚ୍ଚର କନ୍ଧମାଳ ଡାଇସେସର ବିଶପ ବିଜୟ ନାୟକ, କ୍ଳେଶ ପ୍ରଧାନ, ବିଦେଶୀ ନାୟକ, ଶ୍ୟାମସୁନ୍ଦର ଦିଗାଳ, ନୟାଗଡ଼ର ସାମାଜିକ କର୍ମୀ ବ୍ରଜେନ୍ଦ୍ର ମଲ୍ଲିକ, ପାଳକ କୁରୁଙ୍ଗ ନାୟକ, ସିମନବାଡ଼ି ସରପଞ୍ଚ ପ୍ରତିନିଧି ପରମେଶ୍ୱର ପ୍ରଧାନ, ଆଇନଜୀବୀ ବାଦଲ ନାୟକ, ଜ୍ୟୋତିରାଜ ପ୍ରଧାନ, ବହୁମୁଖି ସମବାୟ ସମିତି ସଭାପତି ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ନାୟକଙ୍କ ସାନଭାଇ ସାଧୁ ନାୟକଙ୍କ ସମେତ ବଡ଼ପୁଅ ଜୀବନଜ୍ୟୋତି ନାୟକ, ଜଗତ ଜ୍ୟୋତି ନାୟକ, ସୀମାଞ୍ଚଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେ ଭଲ ସଂଗଠକ ସହ ସେ ଖ୍ରୀଷ୍ଟ ଧର୍ମର ସିଏନ୍‌ଆଇ ଚର୍ଚ୍ଚର ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ ପଦପଦବୀରେ ରହିଥିଲେ।

## ବଣିକ ସଂଘର ବାର୍ଷିକ ଉତ୍ସବ

**ଫିରିଙ୍ଗିଆ, ୨୯।୧୨**

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ହାଇସ୍କୁଲ ପଡିଆରେ ଜୟ ଜଗନ୍ନାଥ ବଣିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଷ୍ଣୁ କେଶରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ସାରଥୀ ମଲ୍ଲିକ, ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ସୁଦର୍ଶନ କହଁର, ବିଷ୍ଣୁ ଚରଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଆମ ଅଞ୍ଚଳରେ ପ୍ରତ୍ୟେକ ଜିନିଷର ଠିକ୍ ମୂଲ୍ୟ ନିର୍ଦ୍ଧାରଣ କରାଯାଇ କିଣାବିକା ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ବଣିକ ସଂଘର ଏକ ଘର ପାଇଁ ବିଧାୟକଙ୍କ ପାଖରେ ବଣିକମାନେ ଦାବି କରିଥିଲେ।




ବାର୍ଷିକ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

## ■ ଅସ୍ଥାୟୀ ରାତ୍ରି ଆଶ୍ରୟସ୍ଥଳୀରେ ସୂଚନା ଫଳକ ନାହିଁ

# ସ୍ଥାୟୀ ରାତ୍ରି ଆଶ୍ରୟସ୍ଥଳୀ ପାଇଁ ଦାବି

**ଦାରିଙ୍ଗବାଡ଼ି,୨୯।୧୨(ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନକୁ ଦିନ ପାରଦ ଖସିବାରେ ଲାଗିଛି। ଅସହ୍ୟ ଶୀତ ସାଙ୍ଗକୁ ତୁଷାରପାତ ହେଉଛି। ହାଡ଼ଭଙ୍ଗା ଶୀତ ସାଙ୍ଗକୁ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ସେପଟେ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ଦୂରଦୂରାନ୍ତରୁ ଲୋକେ ଦାରିଙ୍ଗବାଡ଼ି ଦୈନିକ ଆସୁଛନ୍ତି। ବିଶେଷ କରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ୮ ପଞ୍ଚାୟତ ସମେତ ବାଲିଗୁଡ଼ା ପଞ୍ଚାୟତର ବୁଡାଗୁଡ଼ା, ଗୁମିକିଆ ପଞ୍ଚାୟତର ଦୁର୍ଗମ ଗ୍ରାମର ଲୋକ ଦାରିଙ୍ଗବାଡ଼ି ଆସି ନିଜ କାମଧନ୍ଦା ସାରି ଫେରି ନ ପାରି ଏଣେ ତେଣେ ରାତ୍ରିଯାପନ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତମ୍ବୁ ପକାଇ ଅସ୍ଥାୟୀ ରାତ୍ରି ଆଶ୍ରୟସ୍ଥଳୀ ଦାରିଙ୍ଗବାଡ଼ି ଦୁର୍ଗାମଣ୍ଡପଠାରେ ନିର୍ମାଣ କରାଯାଇଛି। ମାତ୍ର ସେଠାରେ କୌଣସି ସୂଚନା କିମ୍ବା ସୁରକ୍ଷା ନଥିବାରୁ ଲୋକ ରହୁନାହାନ୍ତି। ଫଳରେ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ରାତ୍ରିଯାପନ କରିବାକୁ ଅର୍ଥ ଦେଇ ରହିବାକୁ ପଡୁଛି। ଏହାର ଫାଇଦା ନେଇ କିଛି ଅସାଧୁ ବ୍ୟବସାୟୀ ଜଣ ପିଛା ରାତିକୁ ୨ଶହରୁ ୩ଶହ ପର୍ଯ୍ୟନ୍ତ ନେଉଛନ୍ତି। ଦାରିଙ୍ଗବାଡ଼ିରେ ସ୍ଥାୟୀ ରାତ୍ରୀ ଆଶ୍ରୟସ୍ଥଳୀ ପାଇଁ ଲୋକେ ଦାବି କରୁଛନ୍ତି। ଏନେଇ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ କହିଛନ୍ତି ଯେ, ଏବେ ଦାରିଙ୍ଗବାଡ଼ିରେ ପ୍ରବଳ ଶୀତ ଯୋଗୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତର ବିଦ୍ୟାଳୟ ସମେତ ରାଜୀବଗାନ୍ଧୀ ସେବାକେନ୍ଦ୍ର ଗୁଡ଼ିକରେ ଅସ୍ଥାୟୀ ରାତ୍ରି ଆଶ୍ରୟସ୍ଥଳୀ କରାଯାଇଛି। ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ନିକଟ ସମେତ ୩ଟି ସ୍ଥାନରେ ଏହି ଆଶ୍ରୟସ୍ଥଳୀ କରାଯାଇଛି। ସେହିପରି ସିମନବାଡ଼ି ସମେତ ବାଡବାଙ୍ଗା, ବୁଡାଗୁଡ଼ା, ଶ୍ରୀନିକେତା ଆଦି ପଞ୍ଚାୟତରେ ଏହି ଆଶ୍ରୟସ୍ଥଳୀ କରାଯାଇଛି। ସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଜିଲାପ୍ରଶାସନଙ୍କୁ ଅବଗତି କରାଯିବ ବୋଲି ବିଡିଓ ଦଳେଇ କହିଛନ୍ତି।



ଦାରିଙ୍ଗବାଡ଼ି ଚାରିଛକ ଦୁର୍ଗାମଣ୍ଡପଠାରେ ଅସ୍ଥାୟୀ ରାତ୍ରି ଆଶ୍ରୟସ୍ଥଳୀ।

